visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.138 Bhubaneswar Thursday, July 15, 2021 | ୨୪ତମ ବର୍ଷ ସଂଖ୍ୟା-୧୩୮ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀରେ କେନ୍ଦ୍ର କ୍ୟାବିନେଟର ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି

## ଗୋଟିଏ ଦିନରେ ୨୦୭୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୦୭୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୪୫୭୪୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୧୮୦୪୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୨୮୬୦ ରହିଛି । ଆଜି ଚିହ୍ନଟ ହୋଇଥିବା ୨୦୭୪ ଜଣଙ୍କ ମଧ୍ୟରୁ ୧୧୯୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୮୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୪୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧୫ ଜଣ, ବରଗଡ଼ରୁ ୩୮ ଜଣ, ଭଦ୍ରକରୁ ୧୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୨, କଟକରୁ ୨୮୩, ଦେବଗଡ ଜିଲ୍ଲାରୁ ୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୬୧ ଜଣ, ଗଜପତି ଜିଲ୍ଲାରୁ ୩ , ଗଞ୍ଜାମରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୯୯ ଜଣ, ଯାଜପୁରରୁ ୧୨୦ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡିରୁ ୫ ଜଣ, କନ୍ଧମାଳ ଜିଲ୍ଲାରୁ ୧୯ ଜଣ. କେନ୍ଦ୍ରାପଡ଼ାରୁ ୫୮ ଜଣ, କେନ୍ଦୁଝରରୁ ୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୪୩ ଜଣ, କୋରାପୁଟରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୧୫ ଜଣ, ନବରଙ୍ଗପୁରରୁ ୧୦ ଜଣ, ନୟାଗଡ଼ରୁ ୫୮ ଜଣ, ନୂଆପଡ଼ାରୁ ୦୪ ଜଣ, ପୁରୀରୁ ୧୩୩ ଜଣ, ରାୟଗଡ଼ାରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୦ ଜଣ, ସୋନପୁରରୁ ୯ ଜଣ, ସୁନ୍ଦରଗଡ଼ରୁ ୫୬ ଜଣ ଓ ଷ୍ଟେଟ୍ ପୁଲରୁ ୮୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୨୦୩୦ ସୁଦ୍ଧା ଓଡ଼ିଶାକୁ ଦେଶର ଇସ୍ପାତ ହବ୍ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, :୨୦୩୦ ସୁଦ୍ଧା ରାଜ୍ୟରେ ଇସ୍ପାତ ଉତ୍ପାଦନ ୧୦୦ ମିଲିଅନ ଟନ୍‌ରେ ପହଂଚିବ। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି, ଯାହାଦ୍ୱାରା କି ରାଜ୍ୟରେ ପୁଞ୍ଜି ବିନିଯୋଗ ବଢ଼ିଛି । କୋଭିଡ ସତ୍ୱେ, ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ପୁଞ୍ଜି ବିନିଯୋଗ ୪.୪୧ ଲକ୍ଷକୁ ବୃଦ୍ଧି ପାଇଛି । ନିକଟରେ ରାଜ୍ୟ ସରକାର ଓଡିଶାରେ ୧ ଲକ୍ଷ ୪୭ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗକୁ ଅନୁମୋଦନ କରିଛନ୍ତି । ଏଥିରେ ମୁଖ୍ୟତଃ ଇସ୍ପାତ ଶିଳ୍ପ ହିଁ ରହିଛି । ଏହି ପ୍ରକଳ୍ପ ମଧ୍ୟରେ ୧୧ ହଜାର କୋଟି ଟଙ୍କାର ଢେଙ୍କାନାଳ ରୁଙ୍ଗଟା ମାଇନ୍‌ସ ଲିମିଟେଡର ସମନ୍ୱିତ ଇସ୍ପାତ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପରୁ ବର୍ତ୍ତମାନ ୩ ମିଲିଅନ ଟନ୍ ଇସ୍ପାତ ଉତ୍ପାଦନ ହେଉଥିବା ବେଳେ, ବର୍ତ୍ତମାନ ଏଥିରୁ ୭.୫୫ ମିଲିଅନ ଟନ୍ ଇସ୍ପାତ ଉତ୍ପାଦିତ ହେବ । ଏହି ସଂପ୍ରସାରିତ ପ୍ରକଳ୍ପ ଢେଙ୍କାନାଳ ଜିଲ୍ଲାରେ ଖୁସି ଆଣିଛି । ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ଲୋକପ୍ରତିନିଧି ମାନଙ୍କୁ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଢେଙ୍କାନାଳ ଜିଲ୍ଲାବାସୀଙ୍କ ଧନ୍ୟବାଦର ଉତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଢେଙ୍କାନାଳ ଜିଲ୍ଲା ପ୍ରଭୁ ଚନ୍ଦ୍ରଶେଖରଙ୍କ ପୀଠ ତଥା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପାଇଁ ପ୍ରସିଦ୍ଧ । ଢେଙ୍କାନାଳର ଖଣିଜ ସଂପଦର ବିନିଯୋଗ କରି ଏହାକୁ ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବରେ ଗଢିତୋଳିବା ତାଙ୍କର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏ ଦିଗରେ ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୦୦ ମସିହାରେ ସେ ଶାସନ ଦାୟିତ୍ୱ ନେବାବେଳେ ରାଜ୍ୟରେ ମାତ୍ର ୨ ମିଲିଅନ ଟନ୍ ଇସ୍ପାତ ଉତ୍ପାଦିତ ହୋଇଥିବା ବେଳେ ବର୍ତ୍ତମାନ ଏହା ୩୦ ମିଲିଅନ ଟନ୍‌ରେ ପହଂଚିପାରିଛି । ଇସ୍ପାତ କାରଖାନା ଯୋଗୁ ହିଁ ଆମେ ଆଜି ଦେଶର ୧୭ଟି ରାଜ୍ୟକୁ କୋଭିଡର ଦ୍ୱିତୀୟ ଲହର ସମୟରେ ଅକ୍ସିଜେନ ଯୋଗାଇ ବହୁ ଜୀବନ ରକ୍ଷା କରିପାରିଛୁ । ତେଣୁ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଯେପରି ଠିକ୍ ସମୟରେ ଶେଷ ହେବ, ସେଥିପାଇଁ ଲୋକପ୍ରତିନିଧି ମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନସାଧାରଣ ସମସ୍ତଙ୍କ ସହଯୋଗ ରହିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଢେଙ୍କାନାଳ ଜିଲ୍ଲାରେ ବର୍ତ୍ତମାନ ଚାଲିଥିବା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଂଚିଛି ଏବଂ ଏହାଦ୍ୱାରା ଜିଲ୍ଲାର ୮ଟି ବ୍ଲକ ଓ ସବୁ ସହରାଂଚଳରେ ଘରେ ଘରେ ପାଇପ ପାଣି ସୁବିଧାରେ ମିଳିପାରିବ । ଜିଲ୍ଲାରେ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ କରାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୩୦୦ ଶଯ୍ୟା ବିଶିଷ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି ।ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଥିଲେ ଯେ ଢେଙ୍କାନାଳ ଜିଲ୍ଲାର ବିକାଶ କ୍ଷେତ୍ରରେ ଏହି ପ୍ରକଳ୍ପ ଏକ ମାଇଲ ଖୁଂଟହେବ। ଢେଙ୍କାନାଳ ଜିଲ୍ଲାକୁ ଶିଳ୍ପ ସମୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଉଦ୍ୟମ କୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଶ୍ରୀ ମହେଶ ସାହୁ, ବିଧାୟକ ସୁଧୀର ସାମଲ, ଡଃ ନୃସିଂହ ସାହୁ, ହିନ୍ଦୋଳ,ଓଡାପଡା ବ୍ଲକ୍‌ର ଅଧ୍ୟକ୍ଷ, ପ୍ରକଳ୍ପ ଅଂଚଳର ଲୋକପ୍ରତିନିଧି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ଜିଲ୍ଲାର ଆର୍ଥିକ ବିକାଶରେ ଏହି ପ୍ରକଳ୍ପ ବିଶେଷ ସହାୟକ ହେବା ସହ ଯୁବ ସମାଜ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବ ବୋଲି ଆଶାପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ସଂଚାଳନ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କହିଥିଲେ ଯେ ୨୦ ବର୍ଷ ତଳେ ଓଡିଶା ବିଭିନ୍ନ କ୍ଷେତ୍ରରେ ଅନ୍ୟ ରାଜ୍ୟର ସହଯୋଗ ଉପରେ ନିର୍ଭର କରୁଥିବା ବେଳେ ଆଜି ଓଡିଶା ଅନ୍ୟ ରାଜ୍ୟକୁ ସହଯୋଗର ହାତ ବଢାଇବ ସହ ବିକାଶର ଛବିକୁ ଅଧିକ ଉଜ୍ଜଳ କରିପାରିଛି ।ଏହି କାର୍ଯ୍ୟକ୍ରମ ଭିଡ଼ିଓ କନ୍ ଫରେନସି ଜରିଆରେ ଅନୁଷ୍ଠିତ ହୋଇଥିଲା ।

## ଝାଡ଼ଖଣ୍ଡର ୧୦ତମ ରାଜ୍ୟପାଳ ଭାବେ ରମେଶ ବୈଶ ଶପଥ ଗ୍ରହଣ କଲେ

ରାଂଚି, ୧୪।୭(ପି.ଏନ): ଝାଡ଼ଖଣ୍ଡର ନୂଆ ରାଜ୍ୟପାଳ ରମେଶ ବୈଶ ବୁଧବାର ଦିନ ରାଜ୍ୟର ୧୦ତମ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ରବି ରଞ୍ଜନ ରାଜ୍ୟପାଳଙ୍କୁ ରାଜଭବନର ବିର୍ସା ମଣ୍ଡପରେ ପଦ ଏବଂ ଗୋପନୀୟତାର ଶପଥ ଗ୍ରହଣ କରାଇଛନ୍ତି । ଏହା ପୂର୍ବରୁ ରମେଶ ବୈଶ ରାଜଭବନରେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଅପରାହ୍ନ ୧.୫୧ ସମୟରେ ରମେଶ ବୈଶ ଶପଥ ଗ୍ରହଣ ପାଇଁ ମଂଚରେ ପହଂଚିଲେ।

## ମହଙ୍ଗା ଭତା ଓ ମହଙ୍ଗା ସହାୟତା ବୃଦ୍ଧିକୁ କ୍ୟାବିନେଟ୍ ଅନୁମୋଦନ

ନୂଆଦିଲ୍ଲୀ, ୧୪।୭(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ସମିତି ଆଜି କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ମହଙ୍ଗା ଭତା (ଡିଏ) ଓ ପେନସନଭୋଗୀଙ୍କ ପାଇଁ ମହଙ୍ଗା ସହାୟତା (ଡିଆର)କୁ ବୃଦ୍ଧି କରିଛନ୍ତି। ମୂଳ ଦରମା/ପେନସନରେ ଡିଏ/ଡିଆର ପରିମାଣକୁ ପୂର୍ବ ହାର ୧୭%ରୁ ବୃଦ୍ଧି କରି ୨୮% କରି ଦିଆଯାଇଛି, ଅର୍ଥାତ୍ ଏଥିରେ ୧୧% ବୃଦ୍ଧି ହୋଇଛି। ଏହି ବୃଦ୍ଧି ୦୧.୦୭.୨୦୨୧ ଠାରୁ ଲାଗୁ ହେବ।କୋଭିଡ-୧୯ ମହାମାରୀ କାରଣରୁ ଦେଖାଦେଇଥିବା ଅଭୂତପୂର୍ବ ପରିସ୍ଥିତି କାରଣରୁ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ମହଙ୍ଗା ଭତ୍ତା (ଡିଏ) ଓ ପେନସନଭୋଗୀଙ୍କୁ ଦିଆଯାଉଥିବା ମହଙ୍ଗା ସହାୟତା (ଡିଆର)ର ତିନୋଟି ଅତିରିକ୍ତ କିସ୍ତିକୁ ସ୍ଥଗିତ ରଖିଥିଲେ। ଯାହାକି ୦୧.୦୧.୨୦୨୦, ୦୧.୦୭.୨୦୨୦ ଏବଂ ୦୧.୦୧.୨୦୨୧ରେ ପ୍ରଦାନ କରାଯିବାକୁ ଥିଲା ।ବର୍ତ୍ତମାନ, କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ମହଙ୍ଗା ଭତ୍ତା (ଡିଏ) ଓ ପେନସନଭୋଗୀଙ୍କୁ ଦିଆଯାଉଥିବା ମହଙ୍ଗା ସହାୟତା (ଡିଆର)ରେ ୧୧% ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ମୂଳ ଦରମା/ପେନସନରେ ଏହାର ହାର ୧୭%ରୁ ବୃଦ୍ଧି ପାଇଁ ୨୮% ହେବ। ଏହି ବୃଦ୍ଧିରେ ୦୧.୦୧.୨୦୨୦, ୦୧.୦୭.୨୦୨୦ ଏବଂ ୦୧.୦୧.୨୦୨୧ରେ ଦେୟଯୋଗ୍ୟ ତିନୋଟି ଅତିରିକ୍ତ କିସ୍ତି ପ୍ରତିଫଳିତ ହେବ। ୦୧.୦୧.୨୦୨୦ ଠାରୁ ଆରମ୍ଭ କରି ୩୦.୦୬.୨୦୨୧ ପର୍ଯ୍ୟନ୍ତ ଅବଧି ଲାଗି ମହଙ୍ଗା ଭତ୍ତା/ମହଙ୍ଗା ସହାୟତା ହାର ପୂର୍ବବତ୍ ୧୭% ରହିବ।

## ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାହାରିଲା ଆଡ଼ପ ଅବଢ଼ା

ପୁରୀ, ୧୪।୭(ପି.ଏନ): ଆଜି ମଧ୍ୟାହ୍ନ ଧୂପରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଆଡ଼ପ ଅବଢ଼ା ବାହାରିଛି । ସକାଳ ଧୂପ ପରେ ମହାପ୍ରଭୁଙ୍କୁ ଖେଚୁଡ଼ି, ଡ଼ାଲମା, ଶାଗ ଓ ଭଜା ଲାଗି ହୋଇଥିଲା । ଗୁଣ୍ଡିଚା ମନ୍ଦିର ନିକଟ ବସଷ୍ଟାଣ୍ଡ ଠାରେ ସ୍ୱତନ୍ତ୍ର କାଉଂଟରରୁ ଶ୍ରଦ୍ଧାଳୁ ମାନେ ଏହି ଆଡ଼ପ ଅବଢ଼ା ନେଉଛନ୍ତି । ଆଡ଼ପ ଅବଢ଼ା ସେବନ କଲେ ଓ ବ୍ରାହ୍ମଣଙ୍କୁ ଭୋଜନ କରାକଲେ ମହାପୁର୍ଣ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଗତକାଲି ସଂନ୍ଧ୍ୟାରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତି ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ । କୋଭିଡ୍ କଟକଣା ଯୋଗୁଁ ଭକ୍ତ ମାନେ ଆଡ଼ପ ଦର୍ଶନରୁ ବଂଚିତ ହୋଇଛନ୍ତି ।

## ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ବାରାଣାସୀ ଗସ୍ତ

ନୂଆଦିଲ୍ଲୀ, ୧୪।୭(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦିନ ବାରାଣାସୀ ଗସ୍ତରେ ଯିବେ । ଏହି ଅବସରରେ ସେ ସେଠାରେ ପ୍ରାୟ ୧୫୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ ସହ ଶିଳାନ୍ୟାସ କରିବେ । ମିଳିଥିବା ସୂଚନା ଅନୁସାରେ ଗୁରୁବାର ଦିନ ପୂର୍ବାହ୍ଣ ପ୍ରାୟ ୧୧ଟା ବେଳକୁ ପ୍ରଧାନମନ୍ତ୍ରୀ ବିଭିନ୍ନ ଜନ କଲ୍ୟାଣମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସେଥି ମଧ୍ୟରେ ବନାରସ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମେଡ଼ିକାଲ କଲେଜ ହସପିଟାଲରେ ୧୦୦ ଶଯ୍ୟାବିଶିଷ୍ଟ ଏମସିଏଚ ୱିଙ୍ଗ୍, ଗୋଡାଉଲିଆ ଠାରେ ଏକ ବିବିଧ ସ୍ତରୀୟ ପାର୍କିଂ ବ୍ୟବସ୍ଥା, ବାରାଣାସୀ ଗାଜିପୁର ଜାତୀୟ ରାଜପଥ ଉପରେ ଏକ ତିନିଲେନ ବିଶିଷ୍ଟ ଫ୍ଲାଏଓଭର ସାମିଲ । ଏହିସବୁ ପ୍ରକଳ୍ପ ପ୍ରାୟ ୭୪୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ସେହିଭଳି ପ୍ରାୟ ୮୩୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଆଉ କେତେଗୋଟି ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ । ସେଥିରେ କେନ୍ଦ୍ରୀୟ ପେଟ୍ରୋକେମିକାଲ୍ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି ପ୍ରତିଷ୍ଠାନ (ସିପେଟ) ସହାୟତାରେ ପ୍ରତିଷ୍ଠା ହେବାକୁ ଥିବା ଏକ କୌଶଳ ଓ ପ୍ରଯୁକ୍ତି ସହାୟକ କେନ୍ଦ୍ର, ଜଳ ଜୀବନ ମିଶନ ଅଧୀନରେ ୧୪୩ଟି ଗ୍ରାମାଂଚଳ ପ୍ରକଳ୍ପ ଓ ଆମ୍ବ ଓ ଅନ୍ୟାନ୍ୟ ପନିପରିବା ବିକ୍ରୟ ନିମନ୍ତେ କାରଖିଆନଭ ଠାରେ ନିର୍ମିତ ଏକ ସମନ୍ୱିତ କେନ୍ଦ୍ର ସାମିଲ । ମଧ୍ୟାହ୍ନ ୧୨.୧୫ ମିନିଟ ବେଳେ ପ୍ରଧାନମନ୍ତ୍ରୀ ରୁଦ୍ରାକ୍ଷ ନାମକ ଏକ ଆନ୍ତର୍ଜାତିକ ସହଯୋଗ ଓ ସମ୍ମିଳନୀ କକ୍ଷକୁ ଉଦ୍ଘାଟନ କରିବେ ଯାହା ଜାପାନ ସରକାରଙ୍କ ସହାୟତାରେ ନିର୍ମିତ ହୋଇଛି । ଏହା ପରେ ଅପରାହ୍ନ ୨ଟା ବେଳେ ସେ ବିଏଚୟୁର ମାତୃ ଓ ଶିଶୁ ସହାୟତା କେନ୍ଦ୍ର ପରିଦର୍ଶନ କରିବେ । ଏହି ଅବସରରେ ସେ ସେଠାକାର ଅଧିକାରୀ ଓ ମେଡ଼ିକାଲ କର୍ମଚାରୀମାନଙ୍କ ସହିତ କୋଭିଡ଼ ସଂକ୍ରମଣ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

## ଲସ୍କର-ଏ-ତୋଇବାର କମାଣ୍ଡର ସହ ତିନି ଆତଙ୍କବାଦୀଙ୍କ ମୃତ୍ୟୁ

ପୁଲଓ୍ୱାମା, ୧୪।୭(ପି.ଏନ): ପୁଲଓ୍ୱାମା ଠାରେ ମଙ୍ଗଳବାର ମଧ୍ୟରାତ୍ରିରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ମୁହାଁମୁହିଁରେ ବୁଧବାର ସକାଳୁ ଏକ ବଡ଼ ସଫଳତା ମିଳିଛି। ସୁରକ୍ଷା କର୍ମୀମାନେ ଏହି ଆକ୍ରମଣ ମଧ୍ୟରେ ଲସ୍କର-ଏ-ତୋଇବାର କମାଣ୍ଡର ଅବୁ ହୁରୈରା ସହ ତିନିଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି। ସେଠାରେ ଅନ୍ୟ ଆତଙ୍କବାଦୀ ଉପସ୍ଥିତ ଥିବାର ଆଶଙ୍କାରେ ଛାନଭିନ୍ ଜାରି ରହିଛି ।ସୂଚନା ଅନୁସାରେ ଦକ୍ଷିଣ କାଶ୍ମୀରର ପୁଲଓ୍ୱାମାରେ ମଙ୍ଗଳବାର ମଧ୍ୟରାତ୍ରୀରେ ସୁରକ୍ଷାକର୍ମୀଙ୍କ ଆତଙ୍କବାଦୀଙ୍କ ଉପସ୍ଥିତି ସୂଚନା ମିଳିଥିଲା। ସୂଚନାକ୍ରମେ ପୋଲିସ୍, ସେନା ଏବଂ ସିଆର୍‌ପିଏଫ୍‌ର ଜବାନମାନେ ସେହି ଅଂଚଳକୁ ଘେରାବନ୍ଦୀ କରି ଆତଙ୍କବାଦୀଙ୍କୁ ଧରିବା ପାଇଁ ଯାଂଚ ଅଭିଯାନ ଆରମ୍ଭ କରିଥିଲେ।

## ମା ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀ ନାମରେ ଲକ୍ଷାଧିକ ଟଙ୍କାର ଠକେଇ ଅଭିଯୋଗ

ବାରିପଦା, ୧୪।୭(ପି.ଏନ): ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୭ରେ ଥିବା ମା ସନ୍ତୋଷୀ ମହିଳା ସ୍ୱୟଂ ସାହାୟିକା ଗୋଷ୍ଠୀ ବିରୋଧରେ ଲକ୍ଷ ଲକ୍ଷ ଟଙ୍କାର ଠକେଇକୁ ନେଇ ଜୁଲାଇ ୧୪ରେ ପୌରନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି ଉକ୍ତ ୱାର୍ଡ଼ ନମ୍ବର ୭ର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ସଦସ୍ୟା ଓ ଅଧିବାସୀମାନେ । ମା ସନ୍ତୋଷୀ ଏସଏସଜି ଗ୍ରୁପ ବିରୋଧରେ ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରେ କୋଭିଡ଼-୧୯ରେ ୱାର୍ଡ଼ର ଗରୀବ ଲୋକମାନଙ୍କୁ ରନ୍ଧା ଖାଦ୍ୟ ବଂଟନ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ୪ରୁ ୫ ଜଣ ହିତାଧିକାରୀମାନଙ୍କୁ ରନ୍ଧା ଖାଦ୍ୟ ବଂଟନ କରୁଥିବା ବେଳେ ପ୍ରତ୍ୟେକ ଦିନ ସକାଳ ସମୟରେ ୧୧୫ ଓ ସନ୍ଧ୍ୟା ସମୟରେ ୧୧୫ ଏହିପରି ମୋଟ ୨୩୦ ଜଣଙ୍କୁ ରନ୍ଧା ଖାଦ୍ୟ ବଂଟନ କରିଥିବାର ଦର୍ଶାଇଛନ୍ତି । ଉକ୍ତ ରନ୍ଧା ଖାଦ୍ୟ ବଂଟନକୁ ନେଇ ଯେଉଁ ସମସ୍ତ ଫଟୋ ଦାଖଲ କରାଯାଇଛି ତାହା ଅନ୍ୟ ଲୋକମାନଙ୍କର ବିବାହ ଭୋଜି ଭାତର ଫଟୋ ଏବଂ ଏଥିରେ ଖାଦ୍ୟ ହିତାଧିକାରୀମାନଙ୍କର ସ୍ୱାକ୍ଷର ଓ ଟିପ ଚିହ୍ନ ଜାଲ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି । ସେହିପରି ପୌରପରିଷଦର ସିଓଙ୍କ ସହିତ ସଲାସୁତରାରେ ଲକ୍ଷ ଲକ୍ଷ ଟଙ୍କାର ଠକେଇ ମା ସନ୍ତୋଷୀ ଏସଏସଜି ଗ୍ରୁପ ଦ୍ୱାରା କରାଯାଇଛି । ୱାର୍ଡ଼ ନମ୍ବର ୭ରେ ପ୍ରାୟ ୩୦ରୁ ଅଧିକ ଏସଏସଜି ଗ୍ରୁପ ରହିଥିଲେ ମଧ୍ୟ ସେମାନଙ୍କୁ ପୌରପରିଷଦର ସିଓ କୌଣସି ସରକାରୀ ଯୋଜନାରେ ସାମିଲ ହେବାର ସୁଯୋଗରୁ ବଂଚିତ କରାଇ ସମସ୍ତ କାର୍ଯ୍ୟକୁ ମା ସନ୍ତୋଷୀ ଏସଏସଜି ଗ୍ରୁପକୁ ଦେଇଆସୁଛନ୍ତି । ୱାର୍ଡ଼ ନମ୍ବର ୭ରେ ପଞ୍ଜିକୃତ ଏଏଲଏଫ ଥାଇ ମଧ୍ୟ ପୌରପରିଷଦର ସିଓ ଅଣପଞ୍ଜିକୃତ ଏସଏସଜି ଗ୍ରୁପ ମା ସନ୍ତୋଷୀକୁ ଜୈବ ସାର ଖତ ପ୍ରସ୍ତୁତ କେନ୍ଦ୍ରର ଦାୟିତ୍ୱ ଭାର ପ୍ରଦାନ କରିଛନ୍ତି । ଏବିଷୟରେ ସିଓ ମ୍ୟାଡ଼ାମଙ୍କ ନିକଟରେ ଆପତି ଅଭିଯୋଗ ଜଣାଇବା ପରେ ମା ସନ୍ତୋଷୀ ଏସଏସଜି ଗ୍ରୁପର ପଞ୍ଜିକରଣ କାର୍ଯ୍ୟର ପ୍ରୋସେସିଂ ଚାଲିଛି ବୋଲି ଉତର ଦେଇଥିଲେ । ପୁଣି, ପୌରପରିଷଦର ସିଓ ୱାର୍ଡ଼ରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ଦାୟିତ୍ୱ ମଧ୍ୟ ମା ସନ୍ତୋଷୀକୁ ଦେଇଥିବା ବେଳେ ୱାର୍ଡ଼ରେ ସମସ୍ତ ପାଇଖାନାର ନିର୍ମାଣ କାର୍ଯ୍ୟ ଆଜି ସୁଦ୍ଧା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଏଣୁ ଏହି ସମସ୍ତ ଅଭିଯୋଗ ଗୁଡ଼ିକର ନୀରପେକ୍ଷ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପୌରନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି ଉକ୍ତ ୱାର୍ଡ଼ ନମ୍ବର ୭ର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ସଦସ୍ୟା ଓ ଅଧିବାସୀମାନେ । ଉକ୍ତ ଅଭିଯୋଗଗୁଡ଼ିକ ଉପରେ ପୌର ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ମୋବାଇଲ ନମ୍ବର ୯୭୧୧୩୬୨୬୯୭ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ନ ହେବାରୁ ସିଓ ସୁଚିତ୍ରା ଦାସଙ୍କ ସହ ୮୭୬୩୩୪୩୨୩୭ରେ ଯୋଗାଯୋଗ କରିବାରୁ ଛୁଟିରେ ବେଙ୍ଗଲୁରୁ ଆସିଛି । କଣ ଅଭିଯୋଗ ଆସିଛି ସେ ସମ୍ପର୍କରେ କିଛି ଜାଣି ନାହିଁ । ତେବେ କେବଳ ମା ସନ୍ତୋଷୀ ଏସଏସଜି ଗ୍ରୁପକୁ ଏକାକୀ କୌଣସି କାର୍ଯ୍ୟରେ ସାମିଲ କରାଯାଇ ନାହିଁ । ଯେଉଁମାନେ ସକ୍ରିୟ ଭାବେ କାର୍ଯ୍ୟ ସମ୍ପାଦନ କରି ପାରିବେ ସେହି ଏସଏସଜି ଗ୍ରୁପଗୁଡ଼ିକୁ କାର୍ଯ୍ୟ ଦିଆଯାଇଛି । ଛୁଟିରୁ ଫେରି କାର୍ଯ୍ୟରେ ଯୋଗ ଦେବା ପରେ ଆପଣଙ୍କୁ ଏହାର ସମସ୍ତ ବିବରଣୀ ଦେଇ ପାରିବି ବୋଲି ପ୍ରକାଶ କରିବା ସହ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି କହି ଖଣ୍ଡନ କରିଛନ୍ତି ।

MAHARISHI PUBLIC SCHOOL

2021-2022



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଉଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ଐସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ



ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ**
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**
ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପୁଣି ଥରେ ପଦାକୁ ଆସିଲା ଆମେରିକାର ଅସଲ ରୂପ

---------ଡ. ସମନ୍ୱୟ ନନ୍ଦ---------



ଆମେରିକା ସମେତ ବିଭିନ୍ନ ପାଶ୍ଚାତ୍ୟ ଦେଶମାନେ ବିଭିନ୍ନ ଦେଶମାନଙ୍କୁ କଣ କରିବା ଉଚିତ ବା କଣ କରିବା ଅନୁଚିତ ତାକୁ ନେଇ ବିଭିନ୍ନ ସମୟରେ ଜ୍ଞାନ ବା ପ୍ରବଚନ ଦେଇଥାନ୍ତି । ଆମେରିକା ବିଭିନ୍ନ ଦେଶ ବିଶେଷ ଭାବରେ ବିକାଶଶୀଳ ଦେଶମାନଙ୍କୁ ମାନବିକ ଅଧିକାର, ଧାର୍ମିକ ସ୍ୱାଧୀନତା ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରବଚନ ଦେଇଥାଏ । ଏପରି କରି ସେ ଏକପ୍ରକାର ବାର୍ତ୍ତା ଦେଇଥାଏ ଯେ ଆମେରିକା ସମଗ୍ର ବିଶ୍ୱରେ ମାନବିକତା ପ୍ରତି ସମ୍ପୂର୍ଣ୍ଣ ଭାବେ ସମର୍ପିତ ଓ ସେ ସବୁବେଳେ ନୈତିକତାର ପାଳନ କରିଥାଏ । କିନ୍ତୁ ବାସ୍ତବିକତା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଆମେରିକା କୌଣସି ଦୃଷ୍ଟିରୁ ନୈତିକ ମୂଲ୍ୟବୋଧ ଆଧାରରେ କାମ କରି ନ ଥାଏ ବରଂ ଏହାର ସମ୍ପୂର୍ଣ୍ଣ କାର୍ଯ୍ୟକଳାପ ଅନୈତିକ ଓ ଅମାନବୀୟ ହୋଇଥାଏ । ଅନ୍ୟ ଶବ୍ଦରେ କହିବାକୁ ଗଲେ ଆମେରିକା ଅନ୍ୟ ବିକାଶଶୀଳ ଦେଶମାନଙ୍କୁ ଯେଉଁ ପ୍ରବଚନ ବା ଜ୍ଞାନ ଦେଇଥାଏ ତାକୁ ସେ ନିଜେ ପାଳନ କରି ନଥାଏ ବରଂ ଏହାଠାରୁ ସମ୍ପୂର୍ଣ୍ଣ ଓଲଟା କାମ କରିଥାଏ । ହେଲେ ଆମେରିକା ଓ ଅନ୍ୟ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ କାଗଜରେ ଠିଆ କରାଇଥାନ୍ତି ।

ବର୍ତ୍ତମାନ ସମ୍ପୂର୍ଣ୍ଣ ବିଶ୍ୱ କୋଭିଡ-୧୯ ସଂକଟ ଦେଇ ଗତି କରୁଛି । ମାନବିକତା ସଂକଟରେ ରହିଛି । ତେଣୁ ଏହି ପରିସ୍ଥିତିରେ ମାନବିକତା ଦୃଷ୍ଟିରୁ ସମସ୍ତେ ସମସ୍ତଙ୍କର ସହଯୋଗ କରି ଏହି ସଂକଟରୁ ବାହାରିବାକୁ ଚେଷ୍ଟା କରିବାର ନିତାନ୍ତ ଆବଶ୍ୟକତା ରହିଛି । ଅନ୍ୟପକ୍ଷରେ କରୋନା ସଂକଟ କାଳରେ ଭାରତ ନିଜେ କୋଭିଡ ଭ୍ୟାକ୍ସିନ ତିଆରି କରିବା ସହ ବିଭିନ୍ନ ଦେଶକୁ ଏହି ଭ୍ୟାକ୍ସିନ ପ୍ରଦାନ କରିଛି । ଭାରତ ଭଳି ଦେଶ ଅନ୍ୟ ଦେଶମାନଙ୍କୁ କରୋନା ଟୀକା ପ୍ରଦାନ କରିବେ ତାହା କେହି କେବେ ବିଶ୍ୱାସ କରି ନ ଥିଲେ । ତେଣୁ ଆମେରିକା ଭଳି ତଥାକଥିତ ବିକଶିତ ଦେଶମାନଙ୍କୁ ଏହା ହଜମ ନ ହେବା ସ୍ୱାଭାବିକ । ତେବେ ଭାରତ ତିଆରି କରିଥିବା ଭ୍ୟାକ୍ସିନ ପାଇଁ କଂଚାମାଲ ବିଭିନ୍ନ ଦେଶରୁ ଆଣିବାକୁ ପଡିଥାଏ ।




ଆମେରିକା ଭ୍ୟାକ୍ସିନ ତିଆରି କରିବାକୁ କଂଚାମାଲ ପ୍ରଦାନ କରିବା ଉପରେ ପ୍ରତିବନ୍ଧକ ଲଗାଇଥିଲା । ଭାରତ ସରକାର କରୋନା ସ୍ଥିତିକୁ ନେଇ ଗୁରୁତର ସ୍ଥିତି କାରଣରୁ ଏହି ପ୍ରତିବନ୍ଧକ ହଟାଇବାକୁ ବାଇଡେନ ପ୍ରଶାସନକୁ ଅନୁରୋଧ କରିଥିଲା । ହେଲେ ଭାରତର ଏହି ଅନୁରୋଧକୁ ଆମେରିକା ପ୍ରତ୍ୟାଖ୍ୟାନ କରିଦେଇଛି । ଆମେରିକା ସରକାରଙ୍କ ପ୍ରବକ୍ତା କହିଛନ୍ତି ଯେ ଆମେରିକାର ନାଗରିକଙ୍କ ପ୍ରତି ତାଙ୍କ ସରକାରଙ୍କର ଦାୟିତ୍ୱ ରହିଛି । ଏପରି କହି ସେ ଭାରତର ଅନୁରୋଧକୁ ଅସ୍ୱୀକାର କରି ଦେଇଛନ୍ତି । ଗତବର୍ଷର କଥା ଆମେ ମନେପକାଇବା । ଆମେରିକାରେ ଗତବର୍ଷ କରୋନା ଭାଇରସର ଭୟଙ୍କର ପ୍ରକୋପରେ ଥିଲା । ଶହ ଶହ ଆମେରିକୀୟ ଲୋକ ପ୍ରତିଦିନ ପ୍ରାଣ ହରାଉଥିଲେ । ସେତେବେଳେ ଭାରତ ହାଇଡ୍ରୋକ୍ସିକ୍ଲୋରୋକ୍ୱିନ ଔଷଧ ରପ୍ତାନୀ ଉପରେ କଟକଣା ଜାରି କରିଥିଲେ । ହେଲେ ଆମେରିକା ଯେତେବେଳେ ତା'ର ଦେଶର ଲୋକମାନଙ୍କ ଜୀବନ ରକ୍ଷା ପାଇଁ ଉକ୍ତ ଔଷଧ ଭାରତକୁ ମାଗିଲା, ସେତେବେଳେ ଭାରତ ଏହାର ରପ୍ତାନୀ ଉପରେ କଟକଣା ହଟାଇ ଆମେରିକାକୁ ଏହି ଔଷଧ ରପ୍ତାନୀ କରିଥିଲା ।

ଭାରତ ବିପଦ ସମୟରେ ଆମେରିକାର ସାହାଯ୍ୟ କଲା । କେବଳ ଆମେରିକାର କାହିଁକି ସମସ୍ତ ଦେଶ, ସେ ଧନୀ ଦେଶ ହୁଅନ୍ତୁ ବା ଗରୀବ ଦେଶ ସମସ୍ତଙ୍କର ସହାୟତା କରି ଆସିଛି । ଏହି ସଂକଟ କାଳରେ ମାନବିକତାର ରକ୍ଷା ପାଇଁ ଯାହା କରାଯାଇପାରେ ଭାରତ ତାହା କରି ଆସିଛି । ହେଲେ ଆମେରିକାର ବାଇଡେନ ପ୍ରଶାସନ ଭାରତକୁ ଭ୍ୟାକ୍ସିନ ପାଇଁ କଂଚା ମାଲ ପ୍ରଦାନ କରିବ ନାହିଁ ବୋଲି ଘୋଷଣା କରିଛି । ଆମେରିକା ସରକାରଙ୍କର ଏହି ନିଷ୍ପତ୍ତି ଆମେରିକାର ବାସ୍ତବିକ ସ୍ୱରୂପକୁ ପୁଣି ଥରେ ପଦାରେ ପକାଇଛି । ଆମେରିକା ପ୍ରତିଦିନ ଅନ୍ୟ ଦେଶମାନଙ୍କୁ ଯେଉଁ ନୈତିକତାର ପାଠ ପଢାଇଥାଏ ତାହା କେତେ ପୋଲା ତାହା ମଧ୍ୟ ପ୍ରମାଣିତ କରୁଛି । ଆମେରିକାର ଦୋହରାପଣକୁ ଏହି ଘଟଣା ସ୍ପଷ୍ଟ କରୁଛି । ଯଦିଓ ଆମେରିକା କହିଛି ଯେ ନିଜ ଦେଶର ଲୋକମାନଙ୍କ ପାଇଁ ଭ୍ୟାକ୍ସିନ ଲଗାଇବାକୁ ଏପରି ନିଷ୍ପତ୍ତି ନେଇଛି ତେବେ ଗଣମାଧ୍ୟମରେ ଯେଉଁ ରିପୋର୍ଟ ପ୍ରକାଶିତ ହୋଇଛି ତାହା ଅନୁସାରେ ଆମେରିକାରେ ଆବଶ୍ୟକତା ଠାରୁ ଢେର ଅଧିକ ଭ୍ୟାକ୍ସିନ ଉପଲବ୍ଧ ରହିଛି । ଏହାର ଅର୍ଥ ହେଲା ଆମେରିକା ଯାହା କହୁଛି ଯେ ସେ ତାଙ୍କ ନାଗରିକମାନଙ୍କ ପାଇଁ ଏପରି ନିଷ୍ପତ୍ତି ନେଇଛି ତାହା ସତ୍ୟ ନୁହେଁ । ଏହାର ଅନ୍ୟ ଉଦ୍ଦେଶ୍ୟ ରହିଛି ।

ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା । ଆମେରିକା ସମେତ ବିଭିନ୍ନ ପାଶ୍ଚାତ୍ୟ ଦେଶ ଆରଏସଏସ ଓ ବିଜେପିକୁ ନେଇ ଅପପ୍ରଚାର କରିଥାନ୍ତି । ସେମାନେ ତ ବିଜେପିକୁ ହିନ୍ଦୁ ନ୍ୟାସନାଲିଷ୍ଟ ପାର୍ଟି ବୋଲି କହିଥାନ୍ତି । କେବଳ ଆମେରିକା କାହିଁକି ବ୍ରିଟେନ ଓ ଅନ୍ୟ ପାଶ୍ଚାତ୍ୟ ଦେଶର ବିବିଧ ପତ୍ରିକା ଗଣମାଧ୍ୟମଗୁଡ଼ିକ ଭାରତରେ ହିନ୍ଦୁ ନ୍ୟାସନାଲିଷ୍ଟ ପାର୍ଟିର ସରକାର ରହିଥିବା ପ୍ରଚାର କରିଥାନ୍ତି । ହେଲେ ସେହି ହିନ୍ଦୁ ନ୍ୟାସନାଲିଷ୍ଟ ପାର୍ଟି ଓ ଏହା ନେତୃତ୍ୱରେ ଗଠିତ ସରକାର କେବଳ ତା ଦେଶର ଲୋକମାନଙ୍କ ନୁହେଁ ବରଂ ସମସ୍ତ ମାନବିକତା ଓ ସମସ୍ତ ଗରିବ ଦେଶମାନଙ୍କର ଲୋକମାନଙ୍କର ସ୍ୱାସ୍ଥ୍ୟବ୍ୟବସ୍ଥା କଥା ଚିନ୍ତାକରି ସେମାନଙ୍କୁ ଟୀକା ପଠାଇବା ପ୍ରୟାସ ଜାରି ରଖିଛି । ହିନ୍ଦୁ ନ୍ୟାସନାଲିଷ୍ଟ ସରକାର ହିନ୍ଦୁତ୍ୱର ଉଦାତ ବିଚାର 'ସର୍ବେ ଭବନ୍ତୁ ସୁଖୀନଃ ନୀତି' ଆଧାରରେ କାମ କରୁଛି । ଏହାଠାରୁ ବିପରୀତ ଆଉ କ'ଣ ଥାଇପାରେ ଯେ ଯାହାକୁ ହିନ୍ଦୁ ନ୍ୟାସନାଲିଷ୍ଟ ବୋଲି ସେମାନେ କହିଥାନ୍ତି ସେହି ସରକାର ସମଗ୍ର ମାନବିକତାର କଥା ଚିନ୍ତା କରୁଛି ଓ ନିଜକୁ ଅନ୍ତରାଷ୍ଟ୍ରୀୟବାଦୀ ବୋଲି ଦାବି କରୁଥିବା ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ଦେଶ କେମିତି ଅନ୍ୟ ଦେଶର ସଂକଟଗ୍ରସ୍ତ ଲୋକମାନେ ଟୀକା ପାଇ ନ ପାରିବେ ସେ ନେଇ ଷଡଯନ୍ତ୍ର କରୁଛନ୍ତି ।

ଭାରତରେ ଆମେରିକାର ଏକ ବଡ ଲବି କାମ କରିଥାଏ । ସେମାନେ ବାରମ୍ବାର ପ୍ରତ୍ୟେକ କଥାରେ ଆମେରିକାର ଦେଉଥିବା ପ୍ରବଚନକୁ ଜୋରସୋରରେ କହିଥାନ୍ତି । ଆମେରିକା ଆରଏସଏସ, ବିଜେପି ବିରୁଦ୍ଧରେ କ'ଣ କହିଲା ତାହା ପ୍ରଚାର କରିଥାନ୍ତି । ନିକଟରେ କଂଗ୍ରେସର ବରିଷ୍ଠ ନେତା ଏକ ଭିଡିଓ କନ୍ଫରେନ୍ସିଂ ଜରିଆରେ ଏକ କାର୍ଯ୍ୟକ୍ରମରେ ଭାରତରେ ଯାହାସବୁ ଘଟୁଛି ତାକୁ ନେଇ ଆମେରିକା କାହିଁକି ଚୁପ ରହିଛି ବୋଲି ଗୁହାରୀ କରୁଥିବା ଦେଖିବାକୁ ମିଳିଥିଲା । ତେବେ ଏହି ଆମେରିକା ସମର୍ଥକ ଲବି ମଧ୍ୟ ଏହି ମାମଲାରେ ଚୁପ ରହିଛି । ମାନବିକ ଅଧିକାରର ଭାଷଣ ଦେଉଥିବା ଆମେରିକାର ଅମାନବୀୟ ନିଷ୍ପତି ବିଷୟରେ ସେମାନେ ମଧ୍ୟ କିଛି କହୁନାହାନ୍ତି । ଆମେରିକା ବିଶୁଦ୍ଧ ଭାବେ ଏକ ବେପାରୀ ଦେଶ । ଆମେରିକା ଯାହା କରିଛି ସେଥିରେ କିଛି ନୂଆ କଥା ନାହିଁ । ଏପରି ଅତୀତରେ ସେ ବାରମ୍ବାର କରି ଆସିଛି । ତେଣୁ ବାଇଡେନ ନେତୃତ୍ୱାଧୀନ ଆମେରିକା ଯାହା କରୁଛି ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିଛି ଲୋକ ସବୁବେଳେ ଆମେରିକା କଥାରେ ପ୍ରଭାବିତ ଥିବା ଦେଖାଯାଆନ୍ତି । ଏହି ଘଟଣା ପରେ ଆଶା କରିବା ଉଚିତ ଯେ ଏହି ଆମେରିକା ଦ୍ୱାରା ପ୍ରଭାବିତ ରହୁଥିବା ଲୋକମାନଙ୍କର ଆଖି ଖୋଲିବ ।

# କେନ୍ଦ୍ରାପଡା ଜିଲ୍ଲା ପାଇଁ କୋଭିଡ କଟକଣା ଜାରିକଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା (ପିଏନ୍): କୋଭିଡ ମହାମାରୀ ଦ୍ୱିତୀୟ ଲହର ଦୃତ ସଂକ୍ରମଣ ରୋକିବା ନିମିତ୍ତ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିଛନ୍ତି । ସେହି ଆଧାରରେ କେନ୍ଦ୍ରାପଡା ଜିଲ୍ଲାରେ କୋଭିଡ ନିୟମ ଅନୁପାଳନ ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିର୍ଦ୍ଦେଶାନୁଯାୟୀ ଯାତ୍ରା, ରଙ୍ଗମଞ୍ଚ, ବିବାହ ଶୋଭାଯାତ୍ରା ଓ ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିଷିଦ୍ଧ କରାଯାଇଛି । ଏହି ନିଷେଧାଦେଶକୁ ଅବମାନନା କରୁଥିବା ବ୍ୟକ୍ତି ବା ସଂସ୍ଥା ଗୁଡିକ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସିନେମାହଲ ଓ ଥିଏଟର ୫୦ପ୍ରତିଶତ ଦର୍ଶକରେ କୋଭିଡ ନିୟମ ଅନୁପାଳନ ପୂର୍ବକ ଖୋଲାଯାଇପାରିବ । ବିବାହ ଉତ୍ସବରେ ୫୦, ଶବସଂସ୍କାର ଓ ଶୁଦ୍ଧିକ୍ରିୟାରେ ୨୦ରୁ ଅଧିକ ସାମିଲ କରାଯାଇପାରିବ ନାହିଁ । ବିବାହ ଓ ଶୁଦ୍ଧିକ୍ରିୟାରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ତାଲିକା ସଂପୃକ୍ତ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟରେ ୨୪ଘଣ୍ଟା ପୂର୍ବରୁ ଦାଖଲ ହେବା ଆବଶ୍ୟକ । ଉତ୍ସବ ସ୍ଥଳର ସୁଦୃଶ୍ୟ ସ୍ଥାନରେ ୧୦ଫୁଟ ଦୂରତାରୁ ପଢିହେବା ଭଳି ସେହି ତାଲିକାଟି ଲଗାଯିବ । ତାଲିକାରେ ନାମ ନଥିବା ବ୍ୟକ୍ତି ସେହି ସ୍ଥାନରେ ଉପସ୍ଥିତ ଥିଲେ ଆମନ୍ତ୍ରଣ କରିଥିବା ବ୍ୟକ୍ତି ଓ ସ୍ଥାନ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆମନ୍ତ୍ରିତ ବ୍ୟକ୍ତିମାନଙ୍କର ଥର୍ମାଲ ସ୍କାନିଂ,ହାତଧୋଇବା, ସାନିଟାଇଜ ହେବା ଓ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା ବ୍ୟବସ୍ଥା ଆମନ୍ତ୍ରଣ କରୁଥିବା ବ୍ୟକ୍ତି ବା ସ୍ଥାନର ମାଲିକ କରିବେ । ଧାର୍ମିକ ଅନୁଷ୍ଠାନ ଗୁଡିକର ମୁଖ୍ୟ ସେମାନଙ୍କ ଅନୁଷ୍ଠାନକୁ ଯାଇଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ବ୍ୟବସ୍ଥା କରିବେ । କେବଳ ପରିବାର ଲୋକଙ୍କୁ ନେଇ ଜନ୍ମଦିନ, ବ୍ରତୋପନୟନ, ଏକୋଇଶା, ବାର୍ଷିକୀ ଆଦି ଉତ୍ସବ ନିଜ ଘରେ ବିନା ଭୋଜି ଭାତରେ କରାଯିବ । ହାଟ, ବଜାର ଓ ମାଛ ମାର୍କେଟ ପ୍ରଭୃତି ସ୍ଥାନରେ ଦୋକାନରୁ ଦୋକାନର ଦୂରତା ୩୦ଫୁଟ ରହିବା ସହ ବିକ୍ରେତା ଓ କ୍ରେତା ଉଭୟ ୬ଫୁଟ ବ୍ୟବଧାନରେ କାରବାର କରିବେ ଓ ବାଧ୍ୟତାମୂଳକ ମାସ୍କ ପରିଧାନ କରିବେ । ସଂପୃକ୍ତ ଅଞ୍ଚଳର ତହସିଲଦାର ଓ ଭାରପ୍ରାପ୍ତ ଥାନା ଅଧିକାରୀ ଏ ସଂକ୍ରାନ୍ତରେ ସ୍ଥାନ ନିରୂପଣ କରିବେ । ସପିଂମଲ ଗୁଡିକ ସୀମିତ ଗ୍ରାହକଙ୍କୁ ନେଇ ଖୋଲି ପାରିବେ । ମଲର ମାଲିକମାନେ ଆସୁଥିବା କ୍ରେତାମାନଙ୍କର ଶରୀର ତାପମାତ୍ରା ସ୍କ୍ରିନିଂ କରିବା ସହ ସଠିକ ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ପ୍ରତି ଧ୍ୟାନ ଦେବେ । ହୋଟେଲ ବା ଜଳଖିଆ ଦୋକାନରେ ଟେବୁଲରେ ବସି ଖାଇବା ବ୍ୟବସ୍ଥା ରହିବ ନାହିଁ । କେବଳ ପାର୍ସଲରେ ଖାଦ୍ୟ ବିକ୍ରୟ କରାଯାଇପାରିବ । ମଲ ଆଗରେ ଭିଡ ନହେବା ଦିଗରେ ମାଲିକମାନେ ଦୃଷ୍ଟି ଦେବେ । ବ୍ୟବସାୟ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ବାଧ୍ୟତାମୂଳକ ମାସ୍କ ପରିଧାନ କରିବେ । ଦୋକାନ ମାଲିକ ଓ ବ୍ୟବସାୟୀ ସଙ୍ଘ କର୍ମକର୍ତ୍ତାଙ୍କର ଏହା ଉତ୍ତରଦାୟିତ୍ୱ ରହିବ । ଦୋକାନକୁ ଆସୁଥିବା ସମସ୍ତ ବ୍ୟକ୍ତି ସଠିକ ଭାବେ ମାସ୍କ ପିନ୍ଧିବା ଓ ୬ଫୁଟ ଦୂରତା ରକ୍ଷା କରିବା ଦିଗରେ ସଂପୃକ୍ତ ଦୋକାନ ମାଲିକ ଦୃଷ୍ଟି ଦେବା ସହ ସ୍ଥାନ ନିରୂପଣ କରିବେ । ଦୋକାନ ପ୍ରବେଶ ପୂର୍ବରୁ ଗ୍ରାହକମାନଙ୍କ ପାଇଁ ହାତଧୋଇବା, ସାନିଟାଇଜର ଓ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା ସଂପୃକ୍ତ ଦୋକାନି କରିବେ । ଦୋକାନ ଭିତରେ ଅଧିକ ଗହଳିକୁ ବରଦାସ୍ତ କରାଯିବ ନାହିଁ । ଏଭଳି ହେଲେ ସଂପୃକ୍ତ ଦୋକାନିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆବଶ୍ୟକସ୍ଥଳେ ସେମାନଙ୍କ ଦୋକାନକୁ ବନ୍ଦ କରାଯିବା ସହ ଲାଇସେନ୍ସ ରଦ୍ଦ କରାଯିବ । ଦୈନିକ ହାଟ, ବଜାର ଓ ମାଛ ମାର୍କେଟରେ ସଂପୃକ୍ତ ବ୍ୟବସାୟୀମାନେ ବାରିକେଡ କରି ବ୍ୟବସାୟ କରିବେ ।

# ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଉତ୍କଳ ଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ୮୫ ତମ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବଂଧୁ ଦାଶ, ମହାରାଜ କୃଷ୍ଣ ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଯାଜପୁରର ବ୍ରଜମୋହନ ଦାସ, ବିଚିତ୍ରାନନ୍ଦ ଦାସ ପ୍ରମୁଖ ଓଡ଼ିଶାର ବରପୁତ୍ରମାନଙ୍କର ଅକ୍ଲାନ୍ତ ଉଦ୍ୟମ ଓ ଗଭୀର ନିଷ୍ଠା ଯୋଗୁଁ ବ୍ରିଟିଶ ଶାସନାଧିନ ଓଡ଼ିଶା ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଭାବରେ ଜନ୍ମ ନେଇଥିଲା । ସେହି ବରପୁତ୍ରମାନେ ଆଜି ମଧ୍ୟ ପ୍ରତ୍ୟେକ ଓଡ଼ିଶାବାସୀଙ୍କର ଚିରନମସ୍ୟ ଓ ପ୍ରାତଃ ସ୍ମରଣୀୟ ହୋଇ ରହିବା ଉଚିତ ବୋଲି ଉପସ୍ଥିତ ସଭ୍ୟମାନେ ବକ୍ତବ୍ୟ ରଖିଥିଲେ । ଉତ୍କଳର ସେହି ବରପୁତ୍ର ମାନଙ୍କ ଫଟୋରେ ମାଲ୍ୟାର୍ପଣ କରାଯିବା ସହିତ ବନ୍ଦେ ଉତ୍କଳଜନନୀ ସଂଗୀତ ଗାନ କରାଯାଇଥିଲା । ଓଡ଼ିଆ ଭାଷାରେ ସରକାରୀ ସ୍ତରରେ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ ହେବା ସହ କୋର୍ଟ କଚେରୀ ଓଡ଼ିଆରେ ସମସ୍ତ ଆଇନ ଲିପିବଦ୍ଧ ହେବା ପାଇଁ କଂଗ୍ରେସ ତରଫରୁ ଦାବୀ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ସର୍ବଶ୍ରୀ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଏମ୍.ପି. ଅଞ୍ଚଳ ଦାସ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ପି.ସି.ସି. ସଂପାଦକ ଭାସ୍କର ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ରାଜ୍ୟ ମହିଳା କଂଗ୍ରେସ କୋଷାଧ୍ୟକ୍ଷା ପ୍ରତିମା କର, ଜିଲ୍ଲା ସଧାରଣ ସଂପାଦକ ଅକ୍ଷୟ ଶତପଥି, ସାଧାରଣ ସଂପାଦକ ହୃଷିକେଶ ପତି, ଗୋବିନ୍ଦ ଚନ୍ଦ୍ର ସାହୁ, କନକଲତା ରାଉତ, କପିଳେଶ୍ୱର ଦଳାଇ, ଅଶୋକ କୁମାର ଘୋଷ, ଅନିରୁଦ୍ଧ ରାଉତ, ରଘୁନାଥ ସାହୁ, ଜଗତ କୁମାର ନାୟକ, ସନ୍ତୋଷ କୁମାର ବେହେରା, ପରିମଳ ବିଶ୍ୱାଳ, ଅନୀଲ କୁମାର ମହାନ୍ତି, ସନ୍ତୋଷ କୁମାର ରାଉତ, ନକୁଳ ଦେବ ସାହୁ, ମିଡିଆ ସେଲ୍ ଆବାହକ ଆଦିତ୍ୟ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣ ଚନ୍ଦ୍ର ଜେନା, ରାଜ୍ୟଯୁବ କଂଗ୍ରେସ ସଂପାଦକ ସୁଦୀପ୍ତ କୁମାର କର, ଆଇନ ସେଲ୍ ଆବାହାକ ନିତାଇ ଚନ୍ଦ୍ର ମହାନ୍ତି, ଦଳିତ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ସାଧାରଣ ସଂପାଦକ ସଂଗ୍ରାମ ସାହାଣି, ପ୍ରଶାନ୍ତ କୁମାର ସାହୁ, ବିଦ୍ୟାଧର ବାରିକ, ମାନସ ରଂଜନ ପଣ୍ଡା, ଚନ୍ଦ୍ରଶେଖର ସାହୁ, ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମ ସୁନ୍ଦର କର, ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଦିନରେ କଟକ ଜିଲ୍ଲାରୁ ଅଲଗା ହୋଇ ଯାଜପୁର ଏକ ନୂତନ ଜିଲ୍ଲାର ମାନ୍ୟତା ପାଇଥିଲା ବୋଲି ପ୍ରକାଶ କରି ସମସ୍ତେ ଆନନ୍ଦ ପ୍ରକାଶ କରିଥିଲେ । ଶେଷରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଧନ୍ୟବାଦ ଦେଇଥିଲେ ।

## ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବଡହଳ ଶାଖା ତରଫରୁ ସହାୟତା

କେନ୍ଦୁଝର (ପିଏନ୍): ନେଲୁଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ କେନ୍ଦୁଝର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବଡହଳ ଶାଖା ତରଫରୁ ସହାୟତାର ହାତ ବଢାଇଛନ୍ତି । ସଦର ବ୍ଲକରୁ ୬ କି.ମି. ଦୂରରେ ଅବସ୍ଥିତ ନେଲୁଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ଜିଲ୍ଲାରେ ଶିକ୍ଷା, ପରିବେଶ ଓ ଶୃଙ୍ଖଳାରେ ବେଶ୍ ଖ୍ୟାତି ଅର୍ଜନ କରିଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନନ୍ଦ ଓ ସହକର୍ମୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦଙ୍କ ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଓ କର୍ତ୍ତବ୍ୟପରାୟଣତା ତଥା ପରିଚାଳନା ପରିଷଦଙ୍କ ସୁପରିଚାଳନା ଯୋଗୁଁ ନେଲୁଙ୍ଗ ପ୍ରାଥମିକ ବିଦ୍ୟାଳୟଟି ଜିଲ୍ଲାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ସୁଖ୍ୟାତି ଅର୍ଜନ କରିପାରିଛି । ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବଡହଳ ଶାଖାର ଶାଖା ପରିଚାଳକ ହେଲିନା ସାହୁ ଏକ ନିରାଡମ୍ବର ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଗ ନେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ସଙ୍କଳ୍ପବଦ୍ଧତା, ଶୃଙ୍ଖଳା ଓ କଠିନ ପରିଶ୍ରମ କଲେ ସେମାନେ ନିଶ୍ଚୟ ଦିନେ ସୁନାଗରିକ ଭାବେ ଦେଶ ଓ ଦଶର ମାନ ରଖିପାରିବେ ବୋଲି ବକ୍ତବ୍ୟ ରଖିଥିଲେ । ବ୍ୟାଙ୍କ୍ ଶାଖା ତରଫରୁ ସ୍କୁଲକୁ ୬ଗୋଟି ପଙ୍ଖା ମଧ୍ୟ ଦାନ କରିଥିଲେ । ଆଗାମୀକାଲି ତାଙ୍କ ବ୍ୟାଙ୍କ୍ ସଂସ୍ଥା ସାଧ୍ୟ ମତେ ସ୍କୁଲକୁ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟବ୍ୟସ୍ତତା ଭିତରେ ଶ୍ରୀମତୀ ସାହୁ ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ସ୍କୁଲକୁ ଆସି ସହଯୋଗ ତଥା ମୂଲ୍ୟବାନ ପରାମର୍ଶ ଦେଇଥିବାରୁ ଉପଦେଷ୍ଟା କମିଟିର ସଭାପତି ସଂଜୟ କୁମାର ପଣ୍ଡା ତାଙ୍କର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ କମିଟି ସଭ୍ୟ ପ୍ରଶନ୍ନ ଦାସ, ମହେନ୍ଦ୍ର ନାଏକ, ଦିପ୍ତୀମୟୀ ମହାକୁଡ ଓ ରଜତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସହକାରୀ ଶିକ୍ଷକ ଲଳିତ କୁମାର ବାରିକ ଓ ଋତୁପ୍ରିୟା ସାହୁ ସଭା ପରିଚାଳନା କରିଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏନ୍.ଏସ୍. ପୁଲିସ ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା


କେନ୍ଦୁଝର (ପିଏନ୍): ସ୍ଥାନୀୟ ନରସିଂହ ସ୍ୱାଇଁ ପୁଲିସ ହାଇସ୍କୁଲରେ ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ରଥଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ସଂଜୟ କୁମାର ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ପ୍ରଧାନଶିକ୍ଷକ ଇନ୍ଦ୍ରମଣି ମହାନ୍ତ ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅପରାଜିତା ମିଶ୍ର, ଶିକ୍ଷୟିତ୍ରୀ ପ୍ରମିଳା କୁମାର ଦେଇ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପଦ୍ମିନୀ ସୁର, ଶିକ୍ଷକ ବିଭୁପ୍ରସାଦ ସେନାପତି, ଭାଗିରଥି ମହାନ୍ତ, ଶିବକୁମାର ରାଠୋର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ରଥଙ୍କର ଶିକ୍ଷାଦାନ, ଛାତ୍ରବତ୍ସଳତା, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ନେତୃତ୍ୱ ବିଦ୍ୟାଳୟକୁ ଗୌରବାନ୍ୱିତ କରିବାରେ ସଫଳ ହୋଇଥିଲା ବୋଲି କହିଥିଲେ । ବିଦାୟୀ ଶିକ୍ଷକ ଶ୍ରୀ ରଥ ଛାତ୍ରଛାତ୍ରୀ ତଥା ସହକର୍ମୀଙ୍କ ସହଯୋଗରେ ସମଗ୍ର ଜିଲ୍ଲାରେ ସେ ପ୍ରଶଂସିତ ହୋଇଥିଲେ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ପରିଶେଷରେ ବିଦ୍ୟାଳୟ ତଥା ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନଙ୍କ ତରଫରୁ ମାନପତ୍ର ସହ ଉପଢୌକନ ଶ୍ରୀ ରଥଙ୍କୁ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ମହେନ୍ଦ୍ର କୁମାର ସାହୁ, ଗୁରୁଦେବ ମହାନ୍ତ, ନାରାୟଣ ସାହୁ, ପ୍ରଦୀପ୍ତ ଦେହୁରୀ, ତନ୍ମୟ ସଇ, ଶିକ୍ଷୟିତ୍ରୀ ସୁଭଦ୍ରା ମହାନ୍ତ, ମମତାମୟୀ ରାଉତ, ମମତାରାଣୀ ମହାନ୍ତ ଏବଂ ଶିକ୍ଷା କର୍ମଚାରୀ ସୁଦର୍ଶନ ସ୍ୱାଇଁ, ଯୋଗେଶ୍ୱର କବାଟ ଓ ଗଣେଶ୍ୱର ମୁଦୁଲି ସଭା ପରିଚାଳନାରେ ସହାୟତା କରିଥିଲେ ।

## କେନ୍ଦ୍ରାପଡା ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ ପାଳିତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ସ୍ଥାନୀୟ ଗରାପୁରସ୍ଥିତ ଗୋପାଳଜୀଉ ମନ୍ଦିର ପରିସରରେ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମହାକାଳପଡା ବିକାଶ ମଞ୍ଚର ସଭାପତି ତଥା ପରିବେଶବୀତ ବିଶିଷ୍ଟ ଶିକ୍ଷାଅଧିକାରୀ କାଶିନାଥ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲ୍ଲା ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ଶିକ୍ଷାବୀତ ପ୍ରଣବ କୁମାର ଜେନା ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାରେ ଏକ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହିତ କରାଯାଇ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବା ପାଇଁ ଦେଇଥିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭାଷା ସୁରକ୍ଷା ସମ୍ମିଳନୀର ରାଜ୍ୟ ସମ୍ପାଦକ ତଥା ଜିଲ୍ଲା ସଭାପତି ସୁଦର୍ଶନ ମହାପାତ୍ର, ନିର୍ମଳ ଚନ୍ଦ୍ର ମିଶ୍ର, ନରୋତ୍ତମ ଜେନା, ଅଲେଖ ମହାନ୍ତି, ଶିକ୍ଷାବିତ୍ ପାର୍ଥସାରଥୀ ବେହେରା, ବାସନ୍ତି ଦାସ, ଜଗତ ଜୀବନ ଦାଶ, ମଣିପ୍ରସାଦ ଭୂୟାଁ ପ୍ରମୁଖ ଯୋଗଦେଇ ଓଡିଶା ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ ।

# ଉତ୍କଳ ଦିବସ ଅବସରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ରେଡକ୍ରସ ପୁରସ୍କାର ପ୍ରଦାନ



ଭୁବନେଶ୍ୱର (ପିଏନ୍): ପବିତ୍ର ଉତ୍କଳ ଦିବସ ଅବସରରେ ସ୍ଥାନୀୟ ଜୟଦେବ ଭବନଠାରେ ଏକ ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ସିଟିଏମ୍. ସୁଗୁଣାଙ୍କ ତତ୍ତ୍ୱାବଧାନରେ ସୁଶ୍ରୀ ପ୍ରଣତି ସ୍ୱାଇଁ ଓ ରାଜେନ୍ଦ୍ର କୁମାର ଜେନା – ଶାରୀରିକ ଦିବ୍ୟାଙ୍ଗ, ମାନସ କୁମାର ସାମାଲ, ସାଗରକାନ୍ତ ସେନାପତି – ବାକ୍ ଓ ଶ୍ରବଣଶକ୍ତି ରହିତ, ସନ୍ତୋଷ କୁମାର ମହାରଣା ଓ ରଘୁନାଥ ବାରିକ – ଦୃଷ୍ଟିଶକ୍ତି ବିହୀନ ଏବଂ ମିସ୍ ମିନା ରାଓ ଓ ମିସ୍ ଅନୁପମା ବେହେରା– ମାନସିକ ଅନଗ୍ରସର, ପ୍ରତ୍ୟେକ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା । ଓଡିଶାର ମାନ୍ୟବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିବା ଏହି ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଏକ ମାନପତ୍ର ସହ ଟ୨୫,୦୦୦/– ଟଙ୍କାର ଚେକ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଏହି ଦିବ୍ୟାଙ୍ଗ ମାନଙ୍କୁ ସେମାନଙ୍କର ଉଦ୍ୟମ ପାଇଁ ପୁରସ୍କୃତ କରି ନିଜକୁ ଗୌରବାନ୍ୱିତ ମନେ କରୁଛି । ଏତଦ୍ ବ୍ୟତୀତ ଏହି ସଭାରେ ବିଭିନ୍ନ ବର୍ଗର ଅତିଥିମାନେ ଉପସ୍ଥିତ ରହି, ଏହି ଦିବ୍ୟାଙ୍ଗମାନଙ୍କୁ ଦେଶ ଓ ରାଜ୍ୟ ପାଇଁ ସେମାନଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ସମ୍ମାନିତ କାର୍ଯ୍ୟକ୍ରମକୁ ରେଡକ୍ରସର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଗୌରୀମଣୀ ବିଶ୍ୱାଳ, ଚନ୍ଦନ କୁମାର ସ୍ୱାଇଁ ସହାୟତା କରିଥିଲେ ।

# ଯୋଡାବାସୀଙ୍କ ଉଦ୍ଦେଶ୍ୟରେ ଆଧୁନିକ ଆମ୍ବୁଲାନ୍ସ ଉତ୍ସର୍ଗୀକୃତ



ଯୋଡା (ପିଏନ୍): ସ୍ଥାନୀୟ ଲୋକମାନଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଟାଟାଷ୍ଟିଲ ପକ୍ଷରୁ ଗୁରୁବାର ଦିନ ଟାଟାଷ୍ଟିଲ ଯୋଡ଼ା ହସ୍ପିଟାଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଡ଼ାବାସୀଙ୍କ ଉଦ୍ଦେଶ୍ୟରେ ଜୀବନ ରକ୍ଷା ପ୍ରଣାଳୀ ବିଶିଷ୍ଟ ଏକ ଆଧୁନିକ ଆମ୍ବୁଲାନ୍ସ ଉତ୍ସର୍ଗୀକୃତ କରାଯାଇଛି । ଏହି ଅବସରରେ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡଃ ଶିଶିର କୁମାରୀ ପଟ୍ଟନାୟକ ଏବଂ କମାରଯୋଡ଼ା ଗୋଷ୍ଠୀ କେନ୍ଦ୍ରର ମେଡ଼ିକାଲ ଅଧିକାରୀ ଡଃ ଜଗଦୀଶ ସାହୁ, ଟାଟାଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର, ଟାଟା ଷ୍ଟିଲ ଯୋଡ଼ା ହସ୍ପିଟାଲର କାର୍ଯ୍ୟବାହକ ମୁଖ୍ୟ ଚିକିତ୍ସାଧିକାରୀ ଡଃ ସୁଚିସ୍ମିତା ଦାସ, ଟାଟା ଷ୍ଟିଲ ଓଏମ୍‌କ୍ୟୁ ଡିଭିଜନ୍ ପ୍ରଶାସନ ବିଭାଗ ମୁଖ୍ୟ ଦୀପକ ଶ୍ରୀବାସ୍ତବଙ୍କ ଉପସ୍ଥିତିରେ ଏହି ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ । ଟାଟା ଷ୍ଟିଲ ଯୋଡ଼ା ହସ୍ପିଟାଲ ପକ୍ଷରୁ ପୂର୍ବରୁ ସେବା ପ୍ରଦାନ କରୁଥିବା ୨ଟି ଆମ୍ବୁଲାନ୍ସ ବ୍ୟତୀତ ଅତିରିକ୍ତ ଭାବେ ଜୀବନ ରକ୍ଷା ପ୍ରଣାଳୀ ବିଶିଷ୍ଟ ଏହି ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି । ଏହି ଜୀବନ ରକ୍ଷା ଆମ୍ବୁଲାନ୍ସରେ ସମସ୍ତ ଅତ୍ୟାବଶ୍ୟକ ଉପକରଣ ଯଥା ଭେଣ୍ଟିଲେଟର, ଡେଣ୍ଟିବ୍ରିଲେଟର, ମଲ୍ଟି-ପାରା କାର୍ଡିକ୍ ମନିଟର, ଅକ୍ସିଜେନ୍ ସିଷ୍ଟମ୍, ଅଟୋ ଲୋଡ଼ର ଷ୍ଟ୍ରେଚ୍ର, ସ୍ପାଇନ୍ ବୋର୍ଡ଼, ହେଡ ଇମ୍‌ମୋବିଲାଇଜର, ଜରୁରୀକାଳୀନ କିଟ୍ ବ୍ୟାଗ୍, ଏୟାର କଣ୍ଡିସନ୍‌ର, ଉଦ୍ଧାର ଯନ୍ତ୍ରପାତି, ସିରି ପମ୍ପ ଭଳି ସୁବିଧାମାନ ଉପଲବ୍ଧ ରହିଛି । ଏହି ଅବସରରେ ଟାଟା ଷ୍ଟିଲର ଅଧିକାରୀ, ହସ୍ପିଟାଲ କର୍ମଚାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡା କଲେଜରେ ଛାତ୍ରନିବାସ ଓ ଇନଡୋର ଷ୍ଟାଡିୟମ ଉଦ୍‌ଘାଟିତ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଅନୁସୂଚିତ ଜାତିବର୍ଗର ଛାତ୍ରୀମାନଙ୍କ ପାଇଁ ଛାତ୍ରୀନିବାସ ଓ ନୂତନ ଇନଡୋର ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜ ଛାତ୍ରୀନିବାସ ନିକଟରେ ନବନିର୍ମିତ ଅନୁସୂଚିତ ଜାତି ବର୍ଗର ଏକଶହ ଛାତ୍ରୀଙ୍କ ପାଇଁ ନୂତନ ଛାତ୍ରୀନିବାସ, କଲେଜ ଖେଳପଡିଆ ନିକଟରେ ଇନଡୋର ଷ୍ଟାଡିୟମ ଓ ରିମଡେଲିଂ ହୋଇଥିବା କଲେଜ ଅଧ୍ୟକ୍ଷଙ୍କ ସରକାରୀ ବାସଭବନକୁ ଉଦ୍‌ଘାଟନ କରିବା ସହିତ କଲେଜ ମୁଖ୍ୟ ଫାଟକ ସନ୍ନିକଟରେ କଲେଜ ଏକାଡେମିକ ବିଲଡିଂ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ୭୦ଲକ୍ଷ ଟଙ୍କା ବ୍ୟୟରେ ଇନଡୋର ଷ୍ଟାଡିୟମଟି ନିର୍ମିତ ହୋଇଥିବା ବେଳେ ବିଶ୍ୱ ବ୍ୟାଙ୍କ ଅନୁଦାନରେ ହେବାକୁ ଥିବା ୨ମହଲା ବିଶିଷ୍ଟ ୮ହଜାର ସ୍କୋୟାରଫୁଟର କଲେଜ ଏକାଡେମିକ ବିଲଡିଂର ବ୍ୟୟ ଅଟ୍ଟକଳ ୫କୋଟି ୨୩ଲକ୍ଷ ୮୩ହଜାର ରହିଥିବା ବେଳେ ୬.୫୬ପ୍ରତିଶତ କମରେ ଅର୍ଥାତ ୪କୋଟି ୮୮ଲକ୍ଷ ୮୯ହଜାର ଟଙ୍କାରେ ସଂପୃକ୍ତ ପ୍ରକଳ୍ପଟି ଟେଣ୍ଡର ଗୃହିତ ହୋଇଛି । ଗତ ଫେବୃୟାରୀମାସ ୨୨ତାରିଖରେ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ଆସନ୍ତା ୨୦୨୨ମସିହା ମଇମାସ ୨୧ତାରିଖରେ ସେହି ପ୍ରକଳ୍ପର କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଅଧ୍ୟାପକ ଡଃ. ପ୍ରଭାକର ମଲ୍ଲିକ, ଡଃ.ଜ୍ଞାନୀନ୍ଦ୍ର ଦାଶ, ଡଃ. ଗୌରପ୍ରସାଦ ଷଡଙ୍ଗୀ, ରଞ୍ଜିତ କୁମାର ଦାସ, ଅଶୋକ କୁମାର ଦାସ, ଦେବକାନ୍ତ ଷଡଙ୍ଗୀ, ତୁଷାରକାନ୍ତୀ ଭୂୟାଁ, ପ୍ରମୋଦ ବେହେରା, ନିହାର ପ୍ରସାଦ ନାୟକ, ରମାନାଥ ମହାନ୍ତି, ଡଃ. ପୌର୍ଣ୍ଣମାସୀ ପଣ୍ଡା, ପୂର୍ତ୍ତ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଦୀପ୍ତ କୁମାର ମହାନ୍ତି, ଉପନିର୍ବାହୀ ଯନ୍ତ୍ରୀ ଇଂ ବିଜୟାନନ୍ଦ ଦାଶ, ଯୁବନେତା ମହେନ୍ଦ୍ର ମିଶ୍ରଙ୍କ ସମେତ କଲେଜ ଛାତ୍ରୀନିବାସ ଓ କଲେଜର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡା ବିଧାୟକଙ୍କ ଦ୍ୱାରା ପୌରାଚଂଳରେ ବିଭିନ୍ନ ପ୍ରକଳ୍ପର ମାରାଥନ୍ ଉଦ୍‌ଘାଟନ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପର ମାରାଥନ ଉଦଘାଟନୀ କାର୍ଯ୍ୟକ୍ରମ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅପରାହ୍ନ ପ୍ରାୟ ସାଢେ ୪ଟାରେ ବିଧାୟକ ଶ୍ରୀ ବେହେରା ଶ୍ୟାମଗୁଡିଆ ଆଦିବାସୀ ବସ୍ତିରେ ଓ ତଳବାରଙ୍ଗ ଠାରେ ପୌରସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇଥିବା ମାଇକ୍ରୋ ଆକ୍‌ଟିଭିଟି କେନ୍ଦ୍ରର ଉଦ୍‌ଘାଟନ କରିବା ପରେ ଅଯୋଦ୍ଧାନଗର ଠାରେ ଥିବା ପୌରସଂସ୍ଥା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟ ପରିସରରେ ସେନସରିଂ ପାର୍କ ଉଦଘାଟନ କରିଥିଲେ । ସନ୍ଧ୍ୟାରେ ତିନିମୁହାଣି ଛକ ନିକଟରେ ପୌରସଂସ୍ଥା ପକ୍ଷରୁ ନବନିର୍ମିତ ସେଲଫି ପଏଁଟକୁ ମଧ୍ୟ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ସେକ ଅଜିମୁଦ୍ଦିନ, ବିଜେଡି ଯୁବନେତା ମହେନ୍ଦ୍ର ମିଶ୍ର, ହିରଣ୍ୟ ପଣ୍ଡା, ମହମ୍ମଦ ସେକ ଇନାୟତ (ଚନ୍ଦନ) ପ୍ରମୁଖ ଉପସ୍ଥିତ ଥିଲେ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଜୁଲାଇ ୧୫**

## ସାହିତ୍ୟରେ ଅସହିଷ୍ଣୁତା -ଏକ ଦୃଷ୍ଟିପାତ

ସାହିତ୍ୟରେ ଅଶ୍ଳୀଳତା ହେଉଛି ଏକ ବିବାଦମାନ ପ୍ରଶ୍ନ । ଅଶ୍ଳୀଳତାର ସଂଜ୍ଞା ନିରୁପଣ କରିବା ଏତେ ସହଜସାଧ ନୁହଁ । ତା'ଛଡା ସମାଜର ସମସ୍ତ ଲୋକଙ୍କର ରୁଚି ବି ସମାନ ନୁହଁ । ଦେଶ, କାଳ, ବ୍ୟକ୍ତି ବିଚାରରେ ରୁଚିର ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ସାହିତ୍ୟ ହେଉଛି ମନୁଷ୍ୟ ପ୍ରାଣର ଏକ କମନୀୟ କଳା, ସତ୍ୟ, ଶିବ ଓ ସୁନ୍ଦରର ଆରାଧନା ହେଉଛି ଏହାର ପ୍ରଧାନ ଧର୍ମ । ଏଥିରେ ଯେତେବେଳେ ବ୍ୟତିକ୍ରମ ଦେଖାଦିଏ, ସେତେବେଳେ ଆନ୍ଦୋଳନ ଆରମ୍ଭ ହୋଇଯାଏ । ସେଇଥିପାଇଁ ତ ସାହିତ୍ୟକୁ ଯଥାସମ୍ଭବ ତା'ର ମୌଳିକ ଧର୍ମ ମଧ୍ୟରେ ବାନ୍ଧି ରଖିବାକୁ ବରାବର ଉଦ୍ୟମ କରାଯାଇଥାଏ । ଏହି କାରଣରୁ ସାହିତ୍ୟର ଅଶ୍ଳୀଳତା ଓ ଶ୍ଳୀଳତାର ବିଚାର ସବୁବେଳେ ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଆସିଛି । ଦେଶ, କାଳ ଓ ବ୍ୟକ୍ତି ବିଚାରରେ ରୁଚିର ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ଯେପରି ଓଡ଼ିଶାର ଆଦିବାସୀ ବର୍ଣ୍ଡା ସମ୍ପ୍ରଦାୟର ଲୋକମାନେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଜୀବନଯାପନ କରିଥାନ୍ତି । ଆଉ କେତେକ ସମ୍ପ୍ରଦାୟର ବ୍ୟକ୍ତି ସ୍ୱଳ୍ପ ବସ୍ତ୍ରରେ ଅଙ୍ଗ ଆଚ୍ଛାଦନ କରନ୍ତି । ଏହା ହେଉଛି ସେମାନଙ୍କର ମନରେ ସହଜ ବିକାରଜାତ ହୋଇନଥାଏ କିମ୍ବା ତାହାକୁ ସେମାନେ ଅଶ୍ଳୀଳ ବୋଲି ବିଚାର କରିଥାନ୍ତି ଅଥଚ ଆଧୁନିକ ସଭ୍ୟ ଜଗତରେ ସର୍ବସାଧାରଣରେ ଉଲଗ୍ନ ହୋଇ ବିଚରଣ କରିବା ଅଥବା ନିଜର ନଗ୍ନ ଅଙ୍ଗ ଅନ୍ୟକୁ ପ୍ରଦର୍ଶନ କରିବା ଏକ ଅଭଦ୍ରୋଚିତ ବ୍ୟାପାର ବୋଲି ବିବେଚନା କରାଯାଉଛି । ଏକଥାକୁ ଅସ୍ୱୀକାର କରିହେବନାହିଁ ଯେ ସାହିତ୍ୟର ମୌଳିକ ଧର୍ମ ହେଉଛି ମନୁଷ୍ୟକୁ ଭଦ୍ର, ଶାଳୀନ ଏବଂ ସୁସଂସ୍କୃତି କରି ଗଢି ତୋଳିବା । ମନୁଷ୍ୟ ମନରେ ବହୁ ଜାନ୍ତବ ପ୍ରବୃତିମାନ ଲୁକ୍କାୟିତ ହୋଇରହିଛି । ମନୁଷ୍ୟ ନିଜର ଶିକ୍ଷା, ବୁଦ୍ଧି, ଜ୍ଞାନ ଏବଂ ସଂସ୍କାର ବଳରେ ସେଗୁଡିକୁ ଅବଦମନ କରି ରଖିଥାଏ । ତା ନହେଲେ ମଣିଷ ଯେକୌଣସି ସମୟରେ ପଶୁର ସ୍ତରକୁ ଖସିଯିବା ସହଜ ହୋଇଯିବ । ଜାନ୍ତବ ପ୍ରବୃତିଗୁଡିକ ମଧ୍ୟରେ ଯୌନତା ହେଉଛି ସବୁଠି ଶକ୍ତଶାଳୀ । ଏହା ପ୍ରତ୍ୟେକ ମୁହୁର୍ତରେ ମନୁଷ୍ୟକୁ ଭ୍ରଷ୍ଟ ପଥରେ ଆଗେଇନିଏ, ତାକୁ ଅଶ୍ଳୀଳ ସାହିତ୍ୟ ବୋଲି କୁହାଯାଏ । ଅବଶ୍ୟ ଏହି ସଜ୍ଞା ସ୍ୱଂୟ ସମ୍ପୂର୍ଣ୍ଣ ନୁହେଁ । କୁହାଯାଏ ଅଶ୍ଳୀଳ ସାହିତ୍ୟ ଯୁବକ ଯୁବତୀ ମାନଙ୍କର ନୈତିକ ଚରିତ୍ରକୁ ସମ୍ବଳିତ କରି ସେମାନଙ୍କୁ ବିପଥଗାମୀ କରିଦେବାର ନଜିର ରହିଛି । ତା ଛଡା ସୁନିୟନ୍ତିତ ମର ସାଧାରଣ ସୌନ୍ଦର୍ଯ୍ୟ ଏବଂ ଶାଳୀନତା ବୋଧକୁ କ୍ଷୁର୍ଣ୍ଣ କରିଥାଏ । ଆହୁରି ମଧ୍ୟ କୁହାଯାଇପାରେ ଅଶ୍ଳୀଳ ସାହିତ୍ୟ ପାଠକଙ୍କ ମନରେ ମନରେ ଏକ ବିକୃତ ରୁଚି ସୃଷ୍ଟି କରେ, ମନ ମଧ୍ୟରେ ଅନାବଶ୍ୟକ ଯୌନ ଉତେଜନା ସୃଷ୍ଟି କରି ସେମାନଙ୍କୁ ଅନୁଚିତ କାର୍ଯ୍ୟରେ ପ୍ରରୋଚିତ କରେ । ଏକ ଅଶ୍ଳୀଳ ସାହିତ୍ୟକୁ ପରିବାର ସମସ୍ତ ସଦସ୍ୟ ଏକତ୍ର ବସି ଶୁଣିପାରନ୍ତି ନାହିଁ କିମ୍ବା ସେ ବିଷୟରେ ବି ଆଲୋଚନା କରିପାରନ୍ତି ନାହିଁ । ଯଦିଓ ପ୍ରାଚୀନ ସାହିତ୍ୟରେ ବହୁ ଶୃଙ୍ଗାରିକତା ପୂର୍ଣ୍ଣ ବର୍ଣ୍ଣନ ଅଛି, କିନ୍ତୁ ବାହ୍ୟତଃ ସେଗୁଡିକୁ ହଠାତ୍ ଅଶ୍ଳୀଳତା ବୋଧ ବୋଲି କହିହେବ ନାହିଁ । କାରଣ ସେଗୁଡିକ ଉପରେ କଳାତ୍ମିକତାର ଆବରଣ ଥାଏ ମାତ୍ର ଉଦ୍ଦେଶ୍ୟମୂଳକ ଭାବେ କେବଳ ଚିତ ଚାଂଚଲ୍ୟ ଓ ଯୌନ ଉତେଜନା ସୃଷ୍ଟି ଉଦ୍ଦେଶ୍ୟରେ ରଚିତ ହୋଇଥିବା ସାହିତ୍ୟ ଆବରଣହୀନ ଏବଂ କଳାବର୍ଜିତ ଅଟେ । ତେଣୁ ଏଗୁଡିକୁ ନଗ୍ନ ସାହିତ୍ୟ ବୋଲି କୁହାଯାଏ । ଯେପରି ଜୟଦେବଙ୍କର ଗୀତ ଗୋବିନ୍ଦରେ ପୀନ ପୟୋଧର ପରିସର ମର୍ଦ୍ଦନ ନିର୍ଦ୍ଦୟ ହୃଦୟ କପାଟମ ପଦଟିର ଅର୍ଥ ବାସ୍ତବରେ ଅଶ୍ଳୀଳ କିନ୍ତୁ ପଦ ସଂଯୋଜନା, ଲାଳିତ୍ୟ ଓ ବର୍ଣ୍ଣନା ଚାତୁରୀରେ ଏଭଳି କଳାତ୍ମକ ହୋଇଛି ଯେ ଏହାକୁ ବାହ୍ୟତଃ ଅଶ୍ଳୀଳ କହିହେବ ନାହିଁ । ଏପରି ଅନେକ ସାହିତ୍ୟକଙ୍କ ରଚନା ବିଚାରକୁ ନିଆଯାଇପାରେ । ଉପେନ୍ଦ୍ରଭଞ୍ଜ, ମାୟାଧର ମାନସିଂ ଏପରି ଅନେକ । ରାଧାକୃଷ୍ଣ ଲୀଳା ବିଷୟରେ ରଚନା ଗୁଡିକ ଅଶ୍ଳୀଳତା ରେ ଭରପୁର । ଦୀନକୃଷ୍ଣ ଓ ଅଭିମନ୍ୟୁଙ୍କ କାବ୍ୟରେ ଏହାର ପ୍ରଚୁରତା ସହ ସହଜରେ ପରିଲକ୍ଷିତ ହୁଏ । କବି ସୂର୍ଯ୍ୟଙ୍କର ରଚିତ ଚମ୍ପୁ ମଧ୍ୟ ଅଶ୍ଳୀଳତାରେ ଭରପୁର । ଏ ସବୁ ସତ୍ତ୍ୱେ ପ୍ରାଚୀନ ସାହିତ୍ୟରେ ଶୃଙ୍ଗାର ଚିତ୍ର ଗୁଡିକ କଳାତ୍ମକତାର ଆବରଣ ତଳେ ବେଶ ରସୋତ୍ତୀର୍ଣ୍ଣ ହୋଇଛି ।


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କିନ୍ତୁ ଆଧୁନିକ ସାହିତ୍ୟରେ ମନୁଷ୍ୟ ଅପସଂସ୍କୃତି ଦିଗରେ ଆଗେଇ ଚାଲିଛି । ଭୋଗବାଦୀ ଜୀବନକୁ ପାଥେୟ କରି ନେଇ ସେ କେବଳ ପ୍ରକୃତିର ଦାସ ହିଁ ଦାସ ପାଲଟି ଯାଉଛି । ତେଣୁ ଶ୍ଳୀଳତା, ସୌନ୍ଦର୍ଯ୍ୟ, ନୈତିକତା ଓ ରୁଚି ତା ପାଖରେ ନିରର୍ଥକ ହୋଇପଡିଛି । ଜୀବନ କ୍ଷୁଧାର ପରିତୃପ୍ତି ନିମନ୍ତେ ଯାହାସବୁ ଆବଶ୍ୟକ ସେ ସବୁକୁ ସେ ନିର୍ବିଚାର ଭାବରେ ଆପଣାର କରିନେଉଛି । ସେଇ ସବୁ କାରଣରୁ ଗଳ୍ପ, କବିତା, ଉପନ୍ୟାସ, ସିନେମା, ଥିଏଟର, ଡ୍ରାମା, ନାଟକ ଆଦିରେ ବହୁ ଅଶ୍ଳୀଳ କାହାଣୀ ଓ ଦୃଶ୍ୟ ସଂଯୋଜନା କରାଯାଉଛି । ନାରୀର ସୌନ୍ଦର୍ଯ୍ୟକୁ ଏକ ପୂଣ୍ୟ ବସ୍ତୁର ଭାବେ ବ୍ୟବହାର କରାଯାଉଛି । ସାମ୍ପ୍ରତିକ ପରିସ୍ଥିତିରେ ସାମାଜିକ ରୁଚି ବଦଳି ଯାଇଛି ଓ ମୂଲ୍ୟ ବୋଧର ଗଭୀର ସଂକଟ ଦେଖାଦେଇଛି । ଅର୍ଥ ଉପାର୍ଜନ ହେଉଛି ମୁନଷ୍ୟର ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଅଶ୍ଳୀଳତା ଓ ନଗ୍ନତାକୁ ପ୍ରଚାର ଓ ପ୍ରସାର କରିବାରେ ଆଜିକାଲିର ସିନେମାଗୁଡିକ ଓ ଅପେରା ଗୁଡିକ ପ୍ରଧାନ ଭୂମିକା ଗ୍ରହଣ କରିଛନ୍ତି । ବ୍ୟବସାୟିକ ଦୃଷ୍ଟିରୁ 'ଯୌନ' ଚିତ୍ର ହେଉଛି ଏଗୁଡିକର ପ୍ରଧାନ ଉପାଦାନ । ଏହି ଶ୍ରେଣୀୟ ଚିତ୍ରଗୁଡିକ ସାମାଜିକ ରୁଚି ନଷ୍ଟ କରିବା ସଙ୍ଗେ ସଙ୍ଗେ ଯୁବ ମାନସକୁ ଉଦଭ୍ରାନ୍ତ କରୁଛି । ଏହାଦ୍ୱାରା ଦେଶର ନୈତିକ ମାନଦଣ୍ଡ ଭୂଲୁଣ୍ଠିତ ପଡିବ । ଭବିଷ୍ୟତରେ ଯୁବ କୁଳ ରୁଚି ଭ୍ରଷ୍ଟ ଓ ନୀତି ଭ୍ରଷ୍ଟ ହୋଇ ବିପଥଗାମୀ ହେବେ । ଏଣୁ ଅଶ୍ଳୀଳତାର ପ୍ରତିରୋଧ କରିବା ପାଇଁ ଆଇନର ବ୍ୟବସ୍ଥା ରହିଛି । ଭାରତୀୟ ପିଙ୍ଗଳ କୋର୍ଡର ୨୯୨ ଦଫାରେ ଅଶ୍ଳୀଳ ସାହିତ୍ୟ ରଚନା ଓ ପ୍ରକାଶ ନିମନ୍ତେ ଦଣ୍ଡର ବ୍ୟବସ୍ଥା କରାଯାଇଛି । ସାହିତ୍ୟ ଜଗତରେ ସର୍ବଦା ସୃଜନଶୀଳ ପ୍ରତିଭାମାନ ସବୁବେଳେ ସତ୍ୟଦ୍ରଷ୍ଟା ଓ ସୌନ୍ଦର୍ଯ୍ୟର ପୂଜାରୀ ଅଟନ୍ତି । ସେମାନେ ସର୍ବଦା ସାହିତ୍ୟରେ ଅଶ୍ଳୀଳତା ରୁଚିହିନତା, ନଗ୍ନତାକୁ ବିରୋଧ କରି ଆସୁଛନ୍ତି ଆବଶ୍ୟକ ସ୍ଥଳେ ଆଇନର ମଧ୍ୟ ଆଶ୍ରୟ ନିଅନ୍ତି ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

**ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ବାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକୀ । ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ବାଦକଙ୍କ ସହ ଯୋଗାଯୋଗ କରିପାରିବେ ।**

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଶହୀଦ ସଂଗ୍ରାମୀ - ଜୟୀ ରାଜଗୁରୁ


ଅକ୍ଷୟ କୁମାର ରାଉତ

ଯେଉଁ ଦେଶର କ୍ଷିତ୍, ଆପ୍, ତେଜ, ମରୁତ୍ ଓ ବ୍ୟୋମରେ ଜୟୀ କୃଷ୍ଣ ରାଜଗୁରୁଙ୍କ ଶରୀର ଗଠିତ ହୋଇଅଛି । ଯେଉଁ ଦେଶ ତାଙ୍କର ଜିହ୍ୱାରେ ଅଙ୍କନ କରିଛି ଜନ୍ମମାଟିର ଭାଷା, ଯେଉଁ ଦେଶର ଇତିହାସରୁ ସେ ପ୍ରେରଣା ଲାଭ କରିଛନ୍ତି, ସେହି ମାତୃଭୂମି, ସ୍ୱଦେଶକୁ ଦୁର୍ଗତି ଓ ଦୁର୍ଦ୍ଦଶାରୁ ରକ୍ଷା କରିବା ତାଙ୍କ ପାଇଁ ଦୃଢ଼ ସଂକଳ୍ପ, ତାଙ୍କର ଦେଶପ୍ରେମ, ସାହସ ଓ ତ୍ୟାଗ ଓଡିଶା ଇତିହାସରେ ବିରଳ । ଜୟୀ କୃଷ୍ଣ ରାଜଗୁରୁ ଅବିଭକ୍ତ ପୁରୀ ଜିଲ୍ଲାର ବୀରହରେକୃଷ୍ଣପୁର ଶାସନରେ ଏକ କୁଳୀନ ବ୍ରାହ୍ମଣ ବଂଶରେ ୧୭୩୯ ମସିହା ଅକ୍ଟୋବର ମାସ ୨୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ଥିର କରାଯାଇଛି । ତାଙ୍କର ପିତାଙ୍କ ନାମ ଚନ୍ଦ୍ରଶେଖର ରାଜଗୁରୁ (ଚାନ୍ଦ ମହାପାତ୍ର) ଏବଂ ମାତାଙ୍କର ନାମ ହାରାମଣି ଦେବୀ । ବାଲ୍ୟକାଳରୁ ଜୟୀକୃଷ୍ଣ ଗୁରୁଣ୍ଡି ଗୁରୁଣ୍ଡି ଗୋଟିଏ ଘୋଡାର ବେଲ୍ଟକୁ ଧରି ଘୋଡା ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ । ଏହି ଦୃଶ୍ୟ ପିତା ଚାନ୍ଦ ରାଜଗୁରୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେହିଦିନଠାରୁ ସେ ଘୋଡା ଉପରେ ଖେଳୁଥିବା ଦେଖାଯାଉଥିଲା । ପିଲାଦିନରୁ ଏହି ସାହାସ ତାଙ୍କର ଜଣାପଡୁଥିଲା । ନଅବର୍ଷରେ ଜୟୀକୃଷ୍ଣଙ୍କର ବ୍ରତୋପନୟନ, ପରେ ସଂସ୍କୃତ ଟୋଲ୍‌ରେ ବାଲ୍ୟଶିକ୍ଷା ଗ୍ରହଣ କରିଥିଲେ । ସେ ଗୋବର୍ଦ୍ଧନ ପୀଠ ଓ ଏମାର ମଠରୁ ଧର୍ମଶାସ୍ତ୍ର, ନୀତିଶାସ୍ତ୍ର ଶିକ୍ଷା କରିଥିଲେ । ସେ ମଲ୍ଲଯୁଦ୍ଧ, ତରବାରି ଚାଳନା, କୁସ୍ତି ପ୍ରଭୃତି ପାଇକ ଆଖଡାରୁ ଶିକ୍ଷା କରିଥିଲେ । ପିତାଙ୍କ ମୃତ୍ୟୁ ପରେ ଜୟକୃଷ୍ଣ ବିବାହ କରିନଥିଲେ । କାଶୀରେ ଜୟକୃଷ୍ଣ ଜଣେ ସାଧକଙ୍କଠାରୁ 'ଦଶ ମହାବିଦ୍ୟା' ଓ 'ଧୂମାବତୀ' ସାଧନା ଶିକ୍ଷା କରି ସିଦ୍ଧି ଲାଭ କରିଥିଲେ । ଖୋର୍ଦ୍ଧା ରାଜାଙ୍କର ରାଜଗୁରୁ ତଥା ପ୍ରଧାନମନ୍ତ୍ରୀ ଭାବେ ଯୋଗଦେଲେ । ମା'ଙ୍କ ଉପଦେଶରେ ସେ ଦେଶ, ଜଶ ଓ ଲୋକମାନଙ୍କର ସେବା କରିବାକୁ ଶପଥ ନେଲେ । ୧୭୯୦ ମସିହାରେ ପ୍ରଥମ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଭାଇ ଶ୍ୟାମସୁନ୍ଦର ଦେବ ଇଂରେଜମାନଙ୍କ ସହାୟତାରେ ସିଂହାସନରେ ବସିବାକୁ ଚେଷ୍ଟା କଲେ । ମାତ୍ର ଜୟୀକୃଷ୍ଣ ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜସିଂହାସନରେ ଅଭିଷିକ୍ତ କରାଇଥିଲେ । ଜୟୀ ରାଜଗୁରୁ ଡମପଡା ଆକ୍ରମଣ କରି ବାଙ୍କି ରାଜାଙ୍କ ଭାଇ ବାସୁଦେବ ଭ୍ରମରବରଙ୍କୁ ମାରି ଡମପଡା ଦଖଲ କଲେ । ଏହି ସମୟ ମଧ୍ୟରେ ବ୍ରିଟିଶ ଶାସକମାନେ ବଙ୍ଗଳା ଓ ମାନ୍ଦ୍ରାଜ ଅଧିକାର କରିସାରିଥାନ୍ତି । ଇଂରେଜମାନେ ମରହଟ୍ଟାମାନଙ୍କୁ ବିଦା କରି ଓଡିଶାକୁ ଦଖଲ କରିବାକୁ ଯୋଜନା ପ୍ରସ୍ତୁତ କଲେ । ଇଂରେଜ ସେନାଧକ୍ଷ କର୍ଣ୍ଣେଲ ହାରକୋଟ ଖୋର୍ଦ୍ଧା ରାଜାଙ୍କୁ ଏକ ପ୍ରସ୍ତାବ ଦେଲେ, ଯଦି ସେ ମରହଟ୍ଟାମାନଙ୍କୁ ସାହାଯ୍ୟ ନଦେଇ ଇଂରେଜମାନଙ୍କୁ ସାହାଯ୍ୟ କରିବେ ତେବେ ଓଡିଶା ଅଧିକାର ପରେ ଏକ ଲକ୍ଷ ଟଙ୍କା ଓ ସେ ହରାଇଥିବା ଚାରୋଟି ପ୍ରଗଣା ରାହାଙ୍ଗ, ସରାଇ, ଚବିଶକୁଦ, ଲେମ୍ବାଇକୁ ତାଙ୍କୁ ଫେରସ୍ତ ମିଳିବ । ତେଣୁ ରାଜା ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ । ପ୍ରଥମ କିସ୍ତି ସ୍ୱରୂପ ଇଂରେଜମାନେ ରାଜଙ୍କ ନିକଟକୁ ଟ.୧୦,୦୦୦ ପଠାଇଥିଲେ । କର୍ଣ୍ଣେଲ ହାର୍‌କୋର୍ଟ ୧୮୦୩ ମସିହା ସେପ୍ଟେମ୍ବର ମାସରେ ଓଡିଶା ଆସିଲେ । ମରହଟ୍ଟା ମାନଙ୍କ ତରଫରୁ ନିଯୁକ୍ତ ଫତେ ମହମ୍ମଦଙ୍କ ଦ୍ୱାରା ଇଂରେଜମାନେ ପୁରୀରେ ପହଂ ମରହଟ୍ଟା ସୈନ୍ୟମାନଙ୍କୁ ବଶୀଭୂତ କରି ପୁରୀ ଦଖଲ କଲେ । ପୁରୀ ଜଗନ୍ନାଥ ମନ୍ଦିରର ଦାୟିତ୍ୱ ହିନ୍ଦୁ ସିପାହୀମାନଙ୍କ ହାତରେ ଦେଇ କର୍ଣ୍ଣେଲ ହାର୍‌କୋର୍ଟ କଟକ ଯାତ୍ରା କରିବା ବାଟରେ ଅହମ୍ମଦପୁର ଓ ଦାଣ୍ଡମୁକୁନ୍ଦପୁରରେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ । କର୍ଣ୍ଣେଲ ହାର୍‌କୋର୍ଟ ବାରଙ୍ଗ ଦେଇ କଟକରେ ପହଁଚି ଅକ୍ଟୋବର ମାସ ୮ ତାରିଖରୁ ୧୪ ତାରିଖ ମଧ୍ୟରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ବାରବାଟୀ ଦୁର୍ଗ ଦଖଲ କଲେ । ଓଡିଶା ଅଧିକାର ପରେ ଇଂରେଜମାନେ ଚାରୋଟି ପ୍ରଗଣା ଖୋର୍ଦ୍ଧା ରାଜାଙ୍କୁ ଦେବାକୁ ରାଜି ହେଲେ ନାହିଁ । କେବଳ ଜୟ ରାଜଗୁରୁଙ୍କୁ ପ୍ରାପ୍ୟ ନବେ ହଜାରରୁ ଚାଳିଶ ହଜାର ଟଙ୍କା ଦେଇଥିଲେ । ଇଂରେଜମାନଙ୍କର କୌଣସି ଚୁକ୍ତିପତ୍ରରେ ରାଜା ଓ ଜୟରାଜଗୁରୁ ସ୍ୱାକ୍ଷର ଦେଲେ ନାହିଁ କି ଇଂରେଜମାନଙ୍କ ଆଦେଶ ମାନିଲେନାହିଁ । କିନ୍ତୁ ଦ୍ୱିତୀୟ ମୁକୁନ୍ଦ ଦେବ ୧୮୦୪ ମସିହା ଅଗଷ୍ଟ ମାସ ୨ ତାରିଖରେ ଚୁକ୍ତି ପତ୍ରରେ ସ୍ୱାକ୍ଷର ଦେଲେ । ରାଜା ଇଂରେଜମାନଙ୍କୁ ରାଜସ୍ୱ ଦେଲେ ନାହିଁ, ଫଳସ୍ୱରୂପ ଇଂରେଜମାନେ ଜୟ ରାଜଗୁରୁଙ୍କୁ ଦାୟୀ କରି ତାଙ୍କୁ ରାଜଗୁରୁ ପଦରୁ ହଟାଇବା ପାଇଁ ଚକ୍ରାନ୍ତ କରି ଗୋଲାମ ଅମିନ ନାମକ କର୍ମଚାରୀଙ୍କୁ ପରାମର୍ଶଦାତା ଭାବେ ଏକତରଫା ନିଯୁକ୍ତ ଦେଇ ରାଜ ଦରବାରକୁ ପଠାଇଲେ । ଜୟୀ ରାଜଗୁରୁ ଇଂରେଜମାନଙ୍କର ଚକ୍ରାନ୍ତ ବୁଝିପାରି ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ମାନଙ୍କ ବିରୁଦ୍ଧରେ ଯୁଦ୍ଧ ପାଇଁ ରାଜାଙ୍କର ଅନୁମତି ଲୋଡିଲେ । ରାଜାଙ୍କ ଅନୁମତି ପରେ ଜୟ ରାଜଗୁରୁ କୁଜଙ୍ଗ, କନିକା, ଖୋରଧା ମଧ୍ୟରେ ଏକ ତ୍ରିପାକ୍ଷିକ ମେ[ ଗଠିତ କଲେ । ଏଥିରେ ହରିଶପୁର, ମରିଚପୁର ଓ ବିଷ୍ଣୁପୁରର ଜମିଦାରମମାନେ ଯୋଗଦେଲେ । କୁଜଙ୍ଗର ଦୁର୍ଦ୍ଧଶ ନୌବାହିନୀର ସୈନ୍ୟମାନେ ନିଜର ମାତୃଭୂମିକୁ ରକ୍ଷା କରିବା ପାଇଁ କୌଣସି ବିଦେଶୀମାନଙ୍କୁ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପୂରାଇ ଦେଉନଥିଲେ । ଏହି ମାତୃଭକ୍ତ କୁଜଙ୍ଗବାସୀ ବହୁ ସଂଖ୍ୟାରେ ଜୟ ରାଜଗୁରୁଙ୍କ ସୈନ୍ୟବାହିନୀରେ ଯୋଗଦେଲେ । ପ୍ରଥମେ ଜୟ ରାଜଗୁରୁ ଇଂରେଜମାନଙ୍କୁ ହଟାଇବାକୁ ସୈନ୍ୟ ସଂଖ୍ୟା ବୃଦ୍ଧି କଲେ । ତାପରେ ପାଇକମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବାପାଇଁ ମରହଟ୍ଟା ସର୍ଦ୍ଦାରମାନଙ୍କୁ ନିଯୁକ୍ତି କରାଗଲା । ଇଂରେଜମାନଙ୍କଠାରୁ ଆଣିଥିବା ୪୦ ହଜାର ଟଙ୍କାରେ ରାଜ୍ୟ ସୁରକ୍ଷା ପାଇଁ ରାସ୍ତାଘାଟ ମରାମତି କରାଇଲେ ଓ ବାକି ଟଙ୍କାରେ ପାଇକମାନଙ୍କ ପାଉଣା ବାବଦରେ ଖର୍ଚ୍ଚକଲେ । ଖୋରଧା ଦୁର୍ଗର ବାହାର ଓ ଭିତର ପଟେ ସୈନ୍ୟ, ତୋପ ରହିବାର ବ୍ୟବସ୍ଥା କଲେ । ପ୍ରତି ଘାଟି ଜାଗା ଯଥା ଡେଲାଙ୍ଗ, ତରଦୁଆ, ଗଙ୍ଗପଡା ପ୍ରଭୃତି ବିଭିନ୍ନ ସ୍ଥାନରେ ପାଇକ ବାହିନୀ ମୃତୟନ କଲେ । ଜୟ ରାଜଗୁରୁ ନିଜର ବାସଭବନଟିକୁ ବନ୍ଧା ଦେଇ ତା ବଦଳରେ ଏକ ଘୋଡ କିଣି ସେହି ଘୋଡାରେ ନାଗପୁର ଯାଇ ରଘୁଜୀ ଭୋନ୍‌ସଲାଙ୍କୁ ଭେଟିଲେ ଫଳରେ ଖୋରଧା ରାଜା ଓ ରଘୁଜୀ ଭୋନ୍‌ସଲାଙ୍କ ମଧ୍ୟରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ବୁଝାବଣା ହୋଇଥିଲା । ଏହାପରେ ଜୟୀ ରାଜଗୁରୁ ଇଂରେଜମାନଙ୍କ ଅଧିକୃତ ଅଂଳରେ ରାଜାଙ୍କ କ୍ତୃତ୍ୱ ବିସ୍ତାର କରି ଖଜଣା ଆଦାୟ କଲେ । ୧୮୦୪ ମସିହାରେ ଅକ୍ଟୋବର ମାସରେ ପାଇକମାନେ ପିପିଲିର ବହୁ ଇଂରେଜ ଅଧିନ ଗ୍ରାମ ଆକ୍ରମଣ କରି କ୍ଷୟକ୍ଷତି ଘଟାଇଲେ । ଇଂରେଜମାନେ ମହାନଦୀ ପଠାରେ ସୈନ୍ୟମାନଙ୍କ ସମରାଭ୍ୟାସ କରୁଥିଲେ । ଜୟୀ ରାଜଗୁରୁ ହଠାତ୍ ଇଂରେଜ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କରି ସେମାନଙ୍କୁ ନିରସ୍ତ୍ର କରିଦେଲେ । ରାଜାଜ୍ଞା ପାଇଁ ଜୟୀକୃଷ୍ଣ ଡେଲାଙ୍ଗ ଅଧିକୃତ କଲେ, ଇଂରଜ ସୈନ୍ୟମାନେ ଡେଲାଙ୍ଗ ଛାଡି ପଳାଇଲେ । କ୍ୟାପ୍‌ଟେନ୍ ହିକ୍ ଲ୍ୟାଣ୍ଡଙ୍କ ନେତୃତ୍ୱରେ ସୈନ୍ୟମାନେ ପିପିଲି ଦୁର୍ଗଠାରେ ପାଇକମାନଙ୍କୁ ଆକ୍ରମଣ କଲେ । ପିପିଲିରୁ ଫେରିବା ବାଟରେ ହିକ୍ ଲ୍ୟାଣ୍ଡ ପାଇକମାନଙ୍କ ଦ୍ୱାରା ପରାସ୍ତ ହେଲେ । ମୁସ୍ତଫା ଖାଁ ରାଜାଙ୍କ ଆଦେଶରେ ଟାଙ୍ଗିଆପଡା ଅଭିମୁଖେ ଯାତ୍ରା କଲେ । ସେ ମେଜର ଫ୍ଲେଚରଙ୍କ ଦ୍ୱାରା ପରାସ୍ତ ହେଲେ । ମେଜର ଫ୍ଲେଚର ନୟାଗଡ, ଖଣ୍ଡପଡା ଓ ରଣପୁର ରାଜାମାନଙ୍କ ସହାୟତାରେ ଖୋର୍ଦ୍ଧାର ଦକ୍ଷିଣରୁ ଆକ୍ରମଣ କଲେ । କର୍ଣ୍ଣେଲ ହାର୍‌କୋର୍ଟ ଓ ମେଲ୍‌ଭିଲେ ବାଙ୍କି ରାଜାଙ୍କ ସହାୟତାରେ ଖୋରଧା ଅଭିମୁଖେ ଯାତ୍ରା କଲେ । ଶୁଣାଯାଏ ଖୋର୍ଦ୍ଧାଗଡର ଅଧିଷ୍ଠାତ୍ରୀ ଦେବୀ ବରୁଣାଇ ଓ କରୁଣାଇ ଜୟୀ ରାଜଗୁରୁଙ୍କ ତନ୍ତ୍ର ସାଧନା ବଳରେ ସିଂହବାହନରେ ବସି ଯୁଦ୍ଧକଲେ । କିନ୍ତୁ କାଂଦେବ୍ୟା ଇଂରେଜମାନଙ୍କୁ ଜଣାଇଲେ ଷଣ୍ଢ ବଳି ଦେଇ ତା ରକ୍ତରେ ଗୋଳା ବର୍ଷଣ କଲେ ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବେ । କର୍ଣ୍ଣେଲ୍ ଫ୍ଲେଚର ଗାଈର ମୁଣ୍ଡ କାଟି ତା ରକ୍ତରେ ଗୋଳା ବୁଡାଇ ଆକ୍ରମଣ କଲେ । ଦେବୀ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ । ଇଂରେଜମାନେ ଗଡକୁ ଚାରି ଦିଗରୁ ଆକ୍ରମଣ କରି ନଅର ଭିତରକୁ ଗୁଳି ବର୍ଷଣ କଲେ । ମେଜର ଫ୍ଲେଚର ଦୁର୍ଗ ଭିତରକୁ ପ୍ରବେଶ କରି ଜୟ ରାଜଗୁରୁଙ୍କ ଗୃହରେ ତାଲା ପକାଇ ଦେଲେ । ଦୁର୍ଗ ମଧ୍ୟରେ ଜୟୀ ରାଜଗୁରୁଙ୍କ ସହିତ ଇଂଜେମାନଙ୍କର ଘମାଘୋଟ ଯୁଦ୍ଧ ହେଲା । ଜୟ ରାଜଗୁରୁ ତାଙ୍କ ଗୃହରୁ ସୁନା କୁଳାଇ ଆଣିପାରିଲେ ନାହିଁ । ଫଳରେ ତାଙ୍କର ଧୂମାବତୀ ସାଧନା ବିଫଳ ହେଲା । ରାଜା ପୂର୍ବରୁ ଦୁର୍ଗ ଛାଡି କାଇପଦରଗଡର କାଶିଆ ଗୋହରି ଜଙ୍ଗଲରେ ଆତ୍ମଗୋପନ କରିଥିଲେ । ଜୟ ରାଜଗୁରୁ ଦୁର୍ଗରୁ ପଳାଇ ଯାଇ ସେଠାରେ ରାଜାଙ୍କୁ ଭେଟିଲେ । ୧୮୦୪ ମସିହା ଡିସେମ୍ବର ମାସରେ ଇଂରେଜ ଶାସନର ବିରୋଧୀ ଚରଣ କରିଥିବାରୁ ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ରାଜପଦରୁ ଇଂରେଜମାନେ ବହିଷ୍କାର କରିଥିଲେ । ଇଂରେଜମାନଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିରର କେତେକ କର୍ମଚାରୀ ପୂଜା ସମୟରେ ରାଜାଙ୍କ ନାମ ଉଚ୍ଚାରଣ କଲେ ନାହିଁ । କମଳ ବଡଜେନା ନାମକ ବ୍ୟକ୍ତି ଷଡଯନ୍ତ୍ର କରି ଜୟ ରାଜଗୁରୁଙ୍କୁ ଇଂରେଜମାନଙ୍କୁ ଧରାଇ ଦେଲେ । କେହି କେହି ପିଣ୍ଡିକି ହରିଚନ୍ଦନଙ୍କୁ ଦାୟୀ କରିଥାଆନ୍ତି । ଇଂରେଜ ସୈନ୍ୟମାନେ ଜୟୀ ରାଜଗୁରୁଙ୍କୁ ମେଜର ଫ୍ଲେଚରଙ୍କ ପାଖକୁ ଆଣିଥିଲେ । ତାପରେ କର୍ଣ୍ଣେଲ ହାର୍‌କୋର୍ଟଙ୍କ ନିକଟକୁ ଜୟୀ ରାଜଗୁରୁଙ୍କୁ ପ୍ରେରଣ କରାଗଲା । ମେଦିନୀପୁରସ୍ଥିତ ବାଳିତୋଟା ଠାରେ ତାଙ୍କର ବିଚାର କରି ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ଏକ ବରଗଛରେ ଇଂରେଜମାନେ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ । କେହି କେହି କୁହନ୍ତି ଖୋର୍ଦ୍ଧାର ମଧ୍ୟସ୍ଥଳରେ ଏକ ବରଗଛରେ ଜୟୀ ରାଜଗୁରୁଙ୍କୁ ଚାରିଡାଳିଆ କରି ଫାଶୀ ଦିଆଯାଇଥିଲା । ଇଂରେଜଙ୍କ ସହିତ ସଂଗଠିତ ସଂଗ୍ରାମରେ ଜୟୀ ରାଜଗୁରୁ ବ୍ୟର୍ଥ ହେଲେ ସତ, କିନ୍ତୁ ସେ ସବୁ ଦୋଷ ନିଜ ଉପରକୁ ନେଇ ଯେପରିଭାବେ ଚରିତ୍ରବ□, ଦେଶଭକ୍ତି ଓ ମହାନ ସଂଗ୍ରାମ ଇତିହାସକୁ ଦୃଷ୍ଟାନ୍ତ ଦେଇଛନ୍ତି ତାହା ବିରଳ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.ନଂ. - ୯୯୩୭୬୯୧୪୭୫

# ଏମିତି ଚାଲିଛି ୟୁ-ଟ୍ୟୁବ୍‌ରେ ପାଠ ପଢ଼ା


ହିମାଂଶୁ ଶେଖର ଆଚାର୍ଯ୍ୟ

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରଥମରୁ ଦଶମ ଛାତ୍ରଛାତ୍ରୀଙ୍କୁ ୟୁ-ଟ୍ୟୁବ୍‌ରେ ଶିକ୍ଷାଦାନ କରାଯାଉଛି । ନୂତନ ଜ୍ଞାନ କୌଶଳ ବ୍ୟବହାର କରାଯାଇ କ୍ଲାସ୍ ଚାଲିଥିଲେ ମଧ୍ୟ ଆଶାନୁରୂପ ସଫଳତା ମିଳିପାରିନାହିଁ । ସହରାଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀ ୟୁ-ଟ୍ୟୁବ୍ ସହ ଯୋଡ଼ି ରହିଥିବା ବେଳେ ଗ୍ରାମାଞ୍ଚଳରେ ଏହା ଫଳପ୍ରଦ ହୋଇ ପାରୁନାହିଁ । ଏବେ ସୁଦ୍ଧା ୮୦ ପ୍ରତିଶତ ଛାତ୍ରଛାତ୍ରୀ ୟୁ-ଟ୍ୟୁବ୍ ଶିକ୍ଷାକୁ ବଞ୍ଚିତ ହୋଉଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ନବମ ଓ ଦଶମ ଶ୍ରେଣୀରେ ତିନି ଲକ୍ଷ, ୬୧ ହଜାର ଯୋଡ଼ି ହୋଇଛନ୍ତି । ଯେତେବେଳେ କି ବାକି ୮ଟି ଶ୍ରେଣୀରେ ସାଢ଼େ ଛଅ ଲକ୍ଷ ଛାତ୍ରଛାତ୍ରୀ ସାମିଲ ହୋଇ ଶିକ୍ଷା ଗ୍ରହଣ କରୁଛନ୍ତି । ପ୍ରାଥମିକ ଶ୍ରେଣୀର ବହୁ ପିଲା ୟୁ-ଟ୍ୟୁବ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ମିଳିଥିବା ତଥ୍ୟ ଅନୁଯାୟୀ ଗଣିତ ଓ ବିଜ୍ଞାନ ଶିକ୍ଷାପ୍ରତି ଛାତ୍ରଛାତ୍ରୀ ସେତେ ଉତ୍ସାହ ଦେଖାଉନାହାନ୍ତି । ଅପରପକ୍ଷରେ ସାହିତ୍ୟ, ହସଖେଳ ଆଦି ବିଷୟରେ ଅଧିକ ଛାତ୍ରଛାତ୍ରୀ ରହୁଛନ୍ତି । ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ଆସନ୍ତା ବର୍ଷକୁ ମାଟ୍ରିକ୍ ପରୀକ୍ଷା ଦେବେ ବୋଲି ପାଠପଢ଼ା ପ୍ରତି ସେମାନଙ୍କ ମଧ୍ୟରେ ଆଗ୍ରହ ରହୁଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ଅନ୍ୟତମ ଆଗୁଆ ଜିଲ୍ଲା କଟକରେ ୬୨ପ୍ରତିଶତ ଛାତ୍ରଛାତ୍ରୀଙ୍କ ପାଖରେ ନାହିଁ ସ୍ମାଟ୍ ଫୋନ୍ । ଏହା ହେଉଛି ଡିଜିଟାଲ୍ ଇନ୍‌ଡ଼ିଆର ବାସ୍ତବ ଚିତ୍ର । ଏବେ ସରକାରୀ ଓଡ଼ିଆ ସ୍କୁଲ ପିଲା ୟୁ-ଟ୍ୟୁବ୍ ଅନ୍‌ଲାଇନ୍‌ରେ ପଢ଼ିବେ କେମିତି ? ଅବଶ୍ୟ ସ୍କୁଲ, କଲେଜ ଖୋଲିପାରୁନ ଥିବାରୁ ସରକାରଙ୍କ ଏଭଳି ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ । କିନ୍ତୁ ସାମଗ୍ରିକ ଭାବେ ଭିତ୍ତିଭୂମିର ସ୍ଥିତିକୁ ଦେଖିଲେ ଏହା ସଫଳ ହେବା ନେଇ ଆଶଙ୍କା ପ୍ରକାଶ ପାଉଛି । କୋଭିଡ-୧୯ପାଇଁ ସ୍କୁଲ ବନ୍ଦ ଥିବାରୁ ପିଲାଙ୍କ ପାଠପଢା ଗତ ବର୍ଷ ମାର୍ଚ୍ଚ ମାସରୁ ଏ ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି । ନାଁ ଶିକ୍ଷକ ସ୍କୁଲ ଆସିପାରୁଛନ୍ତି ନାଁ ପିଲା । ସେହିପରି କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲାଥିଲେବି ଛାତ୍ରଛାତ୍ରୀ ଆସୁନାହାଁନ୍ତି । କରୋନା ଜନିତ ସ୍ଥିତି ଯୋଗୁଁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନରେ ପାଠପଢା ବନ୍ଦ ରହିଛି । ଏହାକୁ ଦୃଷ୍ଟିରେ ରଖି ସରକାର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ ପାଠପଢାର ବ୍ୟବସ୍ଥା କରିଛନ୍ତି । ତେବେ ସରକାରୀ ବିଦ୍ୟାଳୟରେ ଅନ୍‌ଲାଇନ ସବୁ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିପାରୁନାହିଁ । ସୂଚନାଯୋଗ୍ୟ ଯେ, ରାଜ୍ୟରେ ସରକାରୀ ବିଦ୍ୟାଳୟ ଗୁଡିକରେ ପଢୁଥିବା ୬୦ ଲକ୍ଷ ପିଲାଙ୍କ ମଧ୍ୟରୁ ୨୨ଲକ୍ଷ ପିଲା ଅନ୍‌ଲାଇନରେ ପଢୁଛନ୍ତି । ଖାଲି ସେତିକି ନୁହେଁ କେବଳ ହ୍ୱାଟସ୍‌ଅପ ଗ୍ରୁପ୍ ପ୍ରସ୍ତୁତ ହୋଇଛି ସତ ତାହା ପର୍ଯ୍ୟାପ୍ତ ନୁହେଁ । କେବଳ ଖୋର୍ଦ୍ଧା ଓ ବରଗଡ ଜିଲ୍ଲାକୁ ଛାଡିଦେଲେ ଆଉ କୌଣସି ଜିଲ୍ଲାରେ ୫୦ପ୍ରତିଶତ ଛାତ୍ରଛାତ୍ରୀ ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇପାରିନାହାନ୍ତି । ଏପରିକି ଅଧା ଜିଲ୍ଲାରେ ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମ ୩୦ପ୍ରତିଶତ ବି ଛୁଇଁନି । କନ୍ଧମାଳ, ମାଲକାନାଗିରି,ନବରଙ୍ଗପୁର, ରାୟଗଡା, ଗଜପତି, ଦେବଗଡ ଜିଲ୍ଲାର ୮୦ରୁ ୯୦ପ୍ରତିଶତ ପିଲାଙ୍କର ସ୍ମାର୍ଟ ଫୋନ ନାହିଁ । ରାୟଗଡା, ମାଲକାନାଗିରି, କନ୍ଧମାଳ ପରି ଉପାନ୍ତ ଜିଲ୍ଲାର ଅଭିଭାବଙ୍କ ପାଖରେ ମୋବାଇଲହିଁ ନାହିଁ । ଅଧିକାଂଶ ଅଭିଭାବକ ମୋବାଇଲ୍ କଣ ଜାଣିନାହାନ୍ତି । ଖୋର୍ଦ୍ଧା, ବରଗଡ, ଝାରସୁଗୁଡା, କେନ୍ଦ୍ରାପଡା, ସୋନପୁର, ଜଗତସିଂହପୁର, କଟକ, ଢେଙ୍କାନାଳ, ପୁରୀ, ବାଲେଶ୍ୱର, ସୁନ୍ଦରଗଡ, ଯାଜପୁର, ଓ ନୟାଗଡ ଜିଲ୍ଲା ବ୍ୟତୀତ ଆଉ କୌଣସି ଜିଲ୍ଲାରେ ୩୦ପ୍ରତିଶତ ଅଭିଭାବଙ୍କ ନିକଟରେ ମୋବାଇଲ ନାହିଁ । ସେହିପରି ଦଶମ ଶ୍ରେଣୀ ପିଲାଙ୍କ ପାଇଁ ପ୍ରସାରିତ ହୋଇଥିବା କାର୍ଯ୍ୟକ୍ରମ ପିଲାମାନେ ଟିଭି ଦେଖି ଜାଣି ପାରୁଛନ୍ତି । ମାତ୍ର କେବଳ ୬୧.୯୩ ପ୍ରତିଶତ ପିଲାଙ୍କ ଘରେ ଟିଭି ଅଛି । ତେଣୁ ଅନେକ ପିଲା ଅନ୍‌ଲାଇନରେ ପାଠପଢାରୁ ବଞ୍ଚିତ ହେଉଛନ୍ତି । ଏଥିରୁ ଅନ୍‌ଲାଇନ ଶିକ୍ଷାର ବାସ୍ତବ ଚିତ୍ର ବେଶ୍ ବାରି ହୋଇ ପଡୁଛି । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ସ୍ଥିତି ଆହରି ଗମ୍ଭୀର । ଏଠାରେ ଉଲେଖ୍ୟଯୋଗ୍ୟ ଯେ, ଭାରତରେ ପ୍ରାୟ ୬,୪୯୪୮୧ ଗ୍ରାମ ଅଛି । ସେଥି ମଧ୍ୟରୁ ୨୭,୭୨୧ ଗ୍ରାମରେ ଏ ପର୍ଯ୍ୟନ୍ତ ମୋବାଇଲ୍ ନେଟ୍ ନାହିଁ । ସେହିପରି ଆମ ରାଜ୍ୟରେ ୬,୫୪୯ ଟି ଗ୍ରାମରେ ମଧ ନେଟ୍ ସୁବିଧା ନାହିଁ । କିନ୍ତୁ ଅନଲାଇନ ଶିକ୍ଷା ଦାନରେ ମୋବାଇଲ ଓ ନେଟ୍‌ର ଯଥେଷ୍ଟ ଗୁରୁତ୍ୱ ରହିଛି । ମାତ୍ର ମଧ୍ୟବିତ ପରିବାରର ପିଲାମାନଙ୍କ ପାଇଁ ଦାମୀ ମୋବାଇଲ୍ କିଣିବା କଷ୍ଟସାଧ । ତେଣୁ ଦୈନିକ ଖବର କାଗଜ ଟିଭିରେ ଅନଲାଇନ ଶିକ୍ଷାର ଦୟନୀୟ ଦୃଶ୍ୟ ଦେଖିବାକୁ ମିଳୁଛି । କେଉଁଠି ବିଦ୍ୟାର୍ଥୀକୁ ପାହାଡ ଚଢିବାକୁ ପଡିଲାଣିତ କେଉଁଠି ଗଛ ତଳେ ବା ଆଉ କେଉଁଠି ରାସ୍ତା କଡରେ ଶିକ୍ଷକଙ୍କ ଚାରିପଟେ ରହି ଶିକ୍ଷା ଗ୍ରହଣ କରିବାକୁ ପଡୁଛି । ଏ ପ୍ରସଙ୍ଗରେ କୁଳପତି, ଶିକ୍ଷାବିତ୍, ଅଧକ୍ଷ, ଅଧ୍ୟାପକ ତଥା ବୁଦ୍ଧିଜୀବୀ ମତ ଦେଉଛନ୍ତି ଯେ ଶ୍ରେଣୀ ଗୃହର ପାଠପଢା ଜାଗା ଅନ୍‌ଲାଇନ ନେଇପାରିବ ନାହିଁ । ଅନ୍ୟଅର୍ଥରେ କହିଲେ, ଗୁରୁଙ୍କ ସ୍ଥାନ କେବେବି ଗୁଗଲ୍ ନେଇପାରିବ ନାହିଁ । ଅନ୍ୟପଟେ ଏବେ ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ଗତ କାଲିଠାରୁ ୟୁ-ଟ୍ୟୁବ୍ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥାକୁ ନେଇ ଅଭିଭାବକ ଛାତ୍ରଛାତ୍ରୀ ଓ ଶିକ୍ଷକ ମହଲରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି । ଅଧିକାଂଶ ଏହି ବ୍ୟବସ୍ଥାର ସଫଳତାରେ ଆଶଙ୍କା ପ୍ରକଟ କରିଛନ୍ତି । ବିଶେଷ କରି କୋଭିଡ୍ ମହାମାରୀ ଯୋଗୁଁ ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ । ଏଭଳି ସମୟରେ ସ୍ମାଟ୍ ଫୋନ୍ କିଣିବା, ନେଟ୍ ପ୍ୟାକ୍ ପକାଇବା ଅବସ୍ଥାରେ ସେମାନେ ନାହାନ୍ତି । ସେହିପରି ରାଜ୍ୟର ଗ୍ରାମାଞ୍ଚଳରେ ମୋବାଲ୍ ନେଟ୍‌ୱାର ସେବା ଅତ୍ୟନ୍ତ ଦୁର୍ବଳ । ଏପରି ସ୍ଥଳେ ଅଗିକୁ ବାଇଗଣ ପକାଇବା ନ୍ୟାୟରେ ୟୁ-ଟ୍ୟୁବ୍‌ରେ ପାଠପଢ଼ା ଧର୍ମକୁ ଆଖିଠାର ପରି । ସେହି ପରି କଲେଜ ମାନଙ୍କରେ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଅନ୍‌ଲାଇନ୍‌ରେ ପାଠପଢ଼ା ଚାଲିଥିଲେ ମଧ ସେଠାରେ ମଧ ଅନୁରୂପ ଅବସ୍ଥା । ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଶାଜନକ ହୋଇପାରୁନାହିଁ । ଅନ୍ୟପଟେ ଅନ୍‌ଲାଇନ୍ ଶିକ୍ଷାପ୍ରତି ଛାତ୍ରଛାତ୍ରୀଙ୍କର ଆଗ୍ରହ ନ ଥିବା ଜଣାପଡୁଛି । ଏସବୁ ଦୃଷ୍ଟିରୁ ଜୁଲାଇ ୧ ତାରିଖ ଠାରୁ ସ୍କୁଲ, କଲେଜ କରୋନା ଗାଇଡ୍ ଲାଇନ୍ ଭିତରେ ଖୋଲାଗଲେ ଏହା ଅଧିକ ଫଳପ୍ରଦ ହୋଇପାରନ୍ତା । ଏ ଦିଗରେ ରାଜ୍ୟସରକାର ଉଚ୍ଚଶିକ୍ଷା ବିଭାଗ ଓ ଗଣଶିକ୍ଷା ବିଭାଗ ଗଭୀର ଭାବରେ ଆଲୋଚନା କରିବାର ଅଛି । କାରଣ ସମୟ ଏମିତି ହୋଇଛି ଅନେକ ଅଭିଭାବକ ଓ ଅଭିଭାବିକା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି ଏବର୍ଷ ସ୍କୁଲ୍ କଲେଜ ଖୋଲିବ ତ ? ଆମକୁ ମନେ ରଖିବାକୁ ହେବ ଯେ, ଶିକ୍ଷା ହିଁ ପ୍ରଗତିର ଚାବିକାଠି । ଏହା ବିଦ୍ୟାର୍ଥୀମାନଙ୍କ ଭବିଷ୍ୟତ ଗଢିବାରେ ସହାୟକ ହୋଇଥାଏ । କିନ୍ତୁ ମହାମାରୀ କରୋନା ଆମକୁ ସାମାଜିକ ଦୂରତା ବଜାୟ ରଖିବାକୁ ବାଧ କଲା । ଏହି ମହାମାରୀ କେତେଦିନ ଧରି ରହିବ ତାହା ଏବେଠୁ କହି ହେଉନାହିଁ । ତଥାପି କରୋନା କଟକଣା ଭିତରେ ଆମକୁ ବଞ୍ଚିବାକୁ ହେବ । ସମସ୍ୟାର ସମାଧାନ କରିବାକୁ ହେବ । ତେଣୁ ୟୁ-ଟ୍ୟୁବ୍ ଓ ଅନ୍‌ଲାଇନ୍ ପାଠପଢ଼ା ଅପେକ୍ଷା ଶ୍ରେଣୀଗୃହ ପାଠପଢ଼ା ଅଧିକ ଫଳପ୍ରଦ ହେବ । କାରଣ ଏହା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତ୍ୟେକ୍ଷ ସମ୍ପର୍କ ସୃଷ୍ଟି କରିଥାଏ । ଏଣୁ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଏବଂ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସରକାର ସ୍କୁଲ, କଲେଜ ଖୋଲିବା ପାଇଁ ଉଦ୍ୟମ କରିବା ଜରୁରୀ ମନେ ହୁଏ ।

ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# ଭକ୍ତ ବଳରାମ ଦାସ ଓ ଶ୍ରୀକ୍ଷେତ୍ର


ଡାଃ ସୁରେନ୍ଦ୍ର ନାଥ ଦାଶ

ପବିତ୍ର ନୀଳାଚଳ ଶ୍ରୀକ୍ଷେତ୍ର କେବଳ ପ୍ରଭୁ ଜଗନ୍ନାଥଙ୍କୁ କୋଳରେ ଧରି ମହିମାନ୍ୱିତ ହୋଇନି, ଯୁଗେ ଯୁଗେ ଅସଂଖ୍ୟ ଧର୍ମାଚାର୍ଯ୍ୟ, ଭକ୍ତ, ସାଧକ, ବ୍ରହ୍ମଜ୍ଞାନୀ ଏହାକୁ ନିଜର କର୍ମଭୂମି କରି ଏହାର ମହତ୍ୱ ବଢାଇଛନ୍ତି । ପଂଦଶ ଶତାବ୍ଦୀ ଥିଲା ଶ୍ରୀକ୍ଷେତ୍ର ଇତିହାସର ସୁବର୍ଣ୍ଣ ଯୁଗ । ପରମ ପ୍ରେମମୟ ଠାକୁର ଚୈତନ୍ୟ ନିଜ ଜନ୍ମ ମାଟି ନଦିଆ-ନବଦ୍ୱିପ ଛାଡି ଶ୍ରୀକ୍ଷେତ୍ର ରେ ଭକ୍ତି ର ବନ୍ୟା ବୁହାଇଥିଲେ । ଭକ୍ତି ଓ ଜ୍ଞାନ ଯୋଗର ଅପୂର୍ବ ସମନ୍ୱୟ ଘଟିଥିଲା ତାଙ୍କର ଶିଷ୍ୟ ଓଡିଶାର ଭକ୍ତି ଯୁଗ ର ପଂଞ୍ଚସଖା ଜଗନ୍ନାଥ ଦାସ, ଅଚ୍ୟୁତ,ଅନନ୍ତ, ବଳରାମ ଓ ଯଶୋବନ୍ତଙ୍କ ଆବିର୍ଭାବରେ । ଏହି ପାଂଞ୍ଚଜଣଙ୍କ ମଧ୍ୟରେ ସବୁଠାରୁ ବରିଷ୍ଠ ଥିଲେ ବଳରାମ ଦାସ । ସେ ପୁରୀର ସୋମନାଥ ମହାପାତ୍ରଙ୍କ ପୁତ୍ର ଥିଲେ । ତାଙ୍କର ଜନ୍ମ ୧୪୭୪ ମସିହା ଓ ୧୫୨୨ ମସିହାରେ ପରଲୋକ ଯାତ୍ରା ହୋଇଥିଲା । ନିଜ ଭାବାବେଗ ପାଣ୍ଡିତ୍ୟ ଯୋଗୁ ଓଡିଶାର ପୁର ପଲ୍ଲୀରେ ସେ ଜଗମୋହନ ବା ଦାଣ୍ଡି ରାମାୟଣର ରଚିୟତା ଓ ମତ୍ତ ବଳରାମ ନାମରେ ପରିଚିତ । ତାଙ୍କର ପିତା ଗଜପତି ପ୍ରତାପରୁଦ୍ର ଦେବଙ୍କ ସଭାର ଜଣେ ପାରିଷଦ ଥିଲେ । ବଳରାମ ସଂସ୍କୃତରେ ଅଗାଧ ଜ୍ଞାନ ଲାଭ କରି ସଂସ୍କୃତ ଭଗବତ୍ ଗୀତା ଓ ବାଲ୍ମିକୀ ରାମାୟଣକୁ ଓଡିଆରେ ଅନୁବାଦ କରିଥିଲେ । ତାଙ୍କର ରଚିତ ଅସଂଖ୍ୟ ପୁସ୍ତକ ଓ ଭଜନ ମଧ୍ୟରୁ ଲକ୍ଷ୍ମୀ ପୁରାଣ,ଦାଣ୍ଡି ରାମାୟଣ, ମୃଗୁଣୀ ସ୍ତୁତି,ଉଦ୍ଧବ ଗୀତା, ହନୁମାନ ଚଉତିସା, ବିରାଟ ଗୀତା, ବାରମାସୀ କୋଇଲି,ଭାବ ସମୁଦ୍ର,ସାଷ୍ଟାଙ୍ଗ ଯୋଗ ସାର, ବ୍ରହ୍ମ ଗୀତା ପ୍ରଧାନ । କୁହାଯାଏ ବଳରାମ ଜଣେ ଚଣ୍ଡାଳୁଣୀ ସହ ସଂପର୍କ ରଖିଥିବାରୁ ପୁରୀର ସେବାୟତ ମାନଙ୍କ ଦ୍ୱାରା ଅପମାନିତ ହେଉଥିଲେ । ସେଥିପାଇଁ ସେ ଚଣ୍ଡାଳୁଣୀକୁ ସମାଜରେ ସମ୍ମାନିତ କରିବା ପାଇଁ ତାଙ୍କର ଅମର କୃତି ଲକ୍ଷ୍ମୀ ପୁରାଣ ଲେଖିଛନ୍ତି ଓ ଶ୍ରୀୟା ଚଣ୍ଡାଳୁଣି ଚରିତ୍ର ସୃଷ୍ଟି କରିଛନ୍ତି । ଏବେ ବି ଓଡିଶା ପୁର ପଲ୍ଲୀରୁ ମାର୍ଗଶୀର ମାସରେ ଗୁରୁବାର ଅତି ପ୍ରତ୍ୟୁଷରୁ ମାଣ ବସାଇ ଓଡିଆ ଗୃହିଣୀ ଗାଇ ଉଠେ, "ନମଇ ନମଇ ମା ଗୋ ସାଗର ଦୁଲଣୀ, ବିଷ୍ଣୁଙ୍କ ଘରଣୀ ମାଗୋ ଫଳ ପ୍ରଦାୟିନୀ ।"

ବଳରାମଙ୍କ ରଚିତ ଲକ୍ଷ୍ମୀ ପୁରାଣରୁ କେତେ ଧାଡି । ବଳରାମ ଦାସଙ୍କୁ ନେଇ ଅନେକ କିମ୍ବଦନ୍ତୀ ଶୁଣାଯାଏ । କୁହାଯାଏ ଥରେ ରଥଯାତ୍ରା ସମୟରେ ସେ ରଥକୁ ଚଢି ଜଗନ୍ନାଥଙ୍କୁ ପୂଜା କରିବାକୁ ଚେଷ୍ଟା କଲାବେଳେ ସେବକ ମାନ ଙ୍କର ଗଳା ଧକ୍କାର ଶୀକାର ହୋଇଥିଲେ । କୁହାଯାଏ ବଳରାମ ଅଭିମାନରେ ବଡଦାଣ୍ଡ ପରିତ୍ୟାଗ କରି ସାଗର କୂଳରେ ବାଲି ରଥ କରି ମନଦୁଃଖକୁ ଶାନ୍ତ କଲେ । ଏଣେ ରଥ ଦାଣ୍ଡ ରେ ହଜାର ହଜାର ଲୋକ ଟାଣୁଥିବା ରଥ ହଟାତ ବନ୍ଦ ହୋଇଗଲା । ଯେତେ ଚେଷ୍ଟା କଲେ ରଥ ହୁଙ୍କିଲା ନାହିଁ । ଗଜପତି ଅଧ୍ୟା ପଡିଲେ । ପରେ ସ୍ୱପ୍ନା ଦେଶ ହେଲା ।

"ମୁଁ ଆଉ ବଡଦାଣ୍ଡରେ ନାହିଁ । ବଳରାମର ବାଲୁକା ରଥରେ ଅବସ୍ଥାନ କରୁଛି । ଭକ୍ତର ମାନ ରକ୍ଷା କର । ରଥ ପୁଣି ଚାଲିବ ।" ସମ୍ମାନ ର ସହ ସେବକମାନେ ବଳରାମକୁ ନିଉଛୁଳି ଆଣି ରଥାରୁଢ କଲା ପରେ ରଥ ଘର୍ଘର ନାଦରେ ଗଡି ଚାଲିଲା ବଡ ଦାଣ୍ଡରେ ।

ବଳରାମ ଜଗନ୍ନାଥଙ୍କ ସମର୍ପିତ ଭକ୍ତ ଥିଲେ । ସେ ଭକ୍ତି ରୁ ଆଉ କାହାକୁ କାଣିଚାଏ ମଧ୍ୟ କାହାକୁ ଦେବାକୁ ଚାହୁଁ ନଥିଲେ, ଏ ପରିକି ମା ଲକ୍ଷ୍ମୀଙ୍କୁ ମଧ୍ୟ । ସବୁ ଦିନେ ଜଗନ୍ନାଥ ଦର୍ଶନ ପରେ ଲକ୍ଷ୍ମୀ ଙ୍କୁ ଦର୍ଶନ ନକରି ଫେରୁଥିଲେ । କହୁଥିଲେ, "ସେ ଟେରିକି କିଏ ପଚାରେ ? ମୋର କାଳିଆ ସବୁ" ! କୁହାଯାଏ ଲକ୍ଷ୍ମୀ ବଳରାମଙ୍କୁ ଚେତାଇ ଦେଲେ । "ତୋର ଏଡେ ଗର୍ବ ! ମଲା ବେଳେ ତୁ ଶ୍ରୀକ୍ଷେତ୍ର ପଂକୋଶୀ ମଧ୍ୟରେ ମରି ପାରିବୁ ନାହିଁ । ପବିତ୍ର ଶ୍ରୀକ୍ଷେତ୍ର ଛୁଇଁ ପାରିବୁ ନାହିଁ ।"

ସମୟ ଗଡି ଚାଲିଲା । ଅଭିମାନ ରେ ବଳରାମ ପୁରୀ ଠାରୁ କିଛିଦୂର କୋଣାର୍କ ପାଖ ବେଗୁନିଆ ଗ୍ରାମରେ ମଠ କରି ରହିଲେ । ବୟସ ବଢି ଚାଲିଲା । ବାର୍ଦ୍ଧକ୍ୟ ଓ ରୋଗର ଶୀକାର ହୋଇ ଭକ୍ତ ଶଯ୍ୟାଶାୟୀ ହେଲେ । ଜୀବନର ଶେଷ ମୁହୁର୍ତ୍ତ ପହଂଞ୍ଚିଗଲା । ମୁକ୍ତ ହେବ ପ୍ରାଣ ପକ୍ଷୀ ଏଥର । ସେ ଜଗନ୍ନାଥଙ୍କୁ ଶେଷ ଦର୍ଶନ ପାଇଁ ଇଛା କଲେ । ଭକ୍ତର ମନୋବାଂଛା ପୂରଣ ପାଇଁ ଜଗନ୍ନାଥ ବଡଦେଉଳ ଛାଡି ଭକ୍ତ ପାଖରେ ପହଂଗଲେ । ମା ଲକ୍ଷ୍ମୀ ମଧ୍ୟ ବଳରାମକୁ ଟାପରା କରିବା ପାଇଁ ମହାବାହୁଙ୍କ ସାଥିରେ ଗଲେ । ଶେଷ ମୁହୁର୍ତ୍ତ ଉପଗତ । ଜଗନ୍ନାଥଙ୍କୁ ଆଗରେ ଦେଖି ଭକ୍ତ ଏକ ଦୃଷ୍ଟି ରେ ଚାହିଁ ରହିଲେ । ମନ ପୂରି ଗଲା । ଜୀବନ ସାର୍ଥକ ହେଲା । ଆଖିରୁ ଧାର ଧାର ଲୁହ ବହିଯାଉଛି । ହଟାତ ଲକ୍ଷ୍ମୀ ଚେତେଇ କହିଲେ, "ଦେଖିଲୁ ତ ! ପଂକୋଶୀ ବାହାରେ ତୋ ପ୍ରାଣବାୟୁ ଯାଉଛି । ପବିତ୍ର ଶ୍ରୀକ୍ଷେତ୍ର ମାଟିରେ ନୁହେଁ ।"

ଭକ୍ତଙ୍କ ମୁହଁରେ ତାତ୍ସଲ୍ୟର ମ୍ଳାନ ହସ ଫୁଟି ଉଠିଲା, "ପ୍ରଭୂ ଜଗନ୍ନାଥ ଆଉ ତୁ ବିଜେ ଅଛ ଏଠି । ଆଉ ଶ୍ରୀକ୍ଷେତ୍ର କଣ କି ? ଏହି ଜାଗା ତ ଶ୍ରୀକ୍ଷେତ୍ର,ଏବେ କିଏ ହାରିଲା କହ ତ ଟେରୀ ? ହାତ ଯୋଡି ଉଭୟଙ୍କୁ ଶେଷ ପ୍ରଣାମ ଜଣାଇଲେ ଭକ୍ତ । ପ୍ରାଣ ବାୟୁ ଚାଲି ଗଲା । ଏକ ଦିବ୍ୟ ଜ୍ୟୋତି ବାହାରି ପ୍ରଭୁଙ୍କ ଅଙ୍ଗରେ ଲୀନ ହୋଇଗଲା ।

ବହୁ ଦୂରରେ ବଡଦେଉଳର କାଳିଆର ରତ୍ନ ମୁକୁଟରୁ ଫୁଲଟା ତଳେ ପଡିଗଲା

ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬




# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା : ବନ୍ଦ ହେଲା ମହାପ୍ରଭୁଙ୍କ ଘୋଷଯାତ୍ରାର ନୀତିକାନ୍ତି

ବାରିପଦା: କରୋନା କଟକଣା କାରଣରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାଠାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚାଯାତ୍ରା ଅବସରରେ ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡ଼ଦାଣ୍ଡରେ ଗଡ଼ିଲା ନାହିଁ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ । ଏଥି ସହିତ ମହାପ୍ରଭୁଙ୍କ ନିକଟରେ ଘୋଷଯାତ୍ରା ରୀତିକାନ୍ତି ମଧ୍ୟ ବନ୍ଦ ରହିଛି । ଚତୁର୍ଦ୍ଧାମୂର୍ତିଙ୍କର ନାଟ ମଣ୍ଡପର ଭଦ୍ର ସିଂହାସନରେ ଅବସ୍ଥାନ କରୁଥିବା ବେଳେ କେବଳ ଦୈନନ୍ଦିନ ରୀତିକାନ୍ତି ଓ ନିତ୍ୟାନି ସମ୍ପନ୍ନ ହୋଇଛି । ଏହି ସମୟରେ ଶ୍ରୀଶ୍ରୀ ହରିବଳଦେବ ମହାପ୍ରଭୁ ବିଜେଙ୍କ ମନ୍ଦିର ଏବଂ ମନ୍ଦିରରୁ ୫ ଶହ ଫୁଟ ବ୍ୟାସାର୍ଦ୍ଧ ମଧ୍ୟରେ ଜାରି କରାଯାଇଛି ୧୪୪ ଧାରା। ଆଜି ସକାଳ ୫ଟା ସମୟରୁ ଜୁଲାଇ ୨୧ ରାତି ପର୍ଯ୍ୟନ୍ତ ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲେଇ, ବଡ଼ଦାଣ୍ଡର ବାରିପଦା ଟାଉନ ଥାନା, ଦୁର୍ଗା ହୋଟେଲ ଓ ଦୁର୍ଗା ନର୍ସିଂ ହୋମଠାରୁ ମନ୍ଦିର ରାସ୍ତାରେ ସମସ୍ତ ଗାଡ଼ି ମୋଟର ସହ ଜନସାଧାରଣଙ୍କ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ସେହିପରି ବାରିପଦା ସହରର ସାନ ଜଗନ୍ନାଥ ମନ୍ଦିର ନିମନ୍ତେ ମଧ୍ୟ ୧୪୪ ଧାରା ଲାଗୁ କରାଯାଇଛି । କାଳି ମାର୍କେଟ ଛକ, ଜୁବଲୀ ଲାଇବ୍ରେରୀ ଛକ ଓ ଲାଲବଜାର ସଂସ୍କୃତ ଟୋଲ ଛକଠାରୁ ମନ୍ଦିର ରାସ୍ତାରେ ସମସ୍ତ ଗାଡ଼ି ମୋଟର ସହ ଜନସାଧାରଣଙ୍କ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । କେବଳ ଜରୁରୀ କାଳୀନ ସେବାରେ ନିୟୋଜିତ ଗାଡ଼ି ଓ ବ୍ୟକ୍ତିମାନଙ୍କୁ ଏଥିରୁ ବାଦ ଦିଆଯାଇଛି । ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୁଲିସ ଅଧିକାରୀ ଓ ଫୋର୍ସ ମୁତୟନ କରାଯିବ । ତେବେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ବନ୍ଦ ସହିତ ମନ୍ଦିରରେ ରଙ୍ଗ ନ ହେବା, ମହାପ୍ରଭୁଙ୍କ ରୀତିକାନ୍ତିକୁ ନେଇ ଅବ୍ୟବସ୍ଥାଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଜଗନ୍ନାଥ ସଂସ୍କୃତି ପ୍ରେମୀ ଓ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଏକ ଅସନ୍ତୋଷର ଛାପ ପରିଲକ୍ଷିତ ହୋଇଛି । ମହାପ୍ରଭୁଙ୍କ ଘୋଷଯାତ୍ରା ଅବସରରେ ମନ୍ଦିରର ସାଜସଜ୍ଜା ନ ହେବାକୁ ନେଇ କଂଗ୍ରେସ ପକ୍ଷରୁ ରାସ୍ତା ଅବରୋଧ ପରେ ଦେବୋତର ବିଭାଗ ମନ୍ଦିରକୁ ଫୁଲ ଓ ରଙ୍ଗବେରଙ୍ଗ ବୈଦ୍ୟୁତିକ ଆଲୋକମାଳାରେ ସଜ୍ଜିତ କରାଇଥିବାର ପରିଲକ୍ଷିତ ହୋଇଛି । ଏହି ସମୟରେ ଯେଉଁ ବଡ଼ଦାଣ୍ଡ ଭକ୍ତମାନଙ୍କ ଗହଳିଚହଳିରେ ପରିପୂର୍ଣ୍ଣ ହୋଇପଡୁଥିଲା, ତାହା ଆଜି ଖାଁ ଖାଁ ଲାଗୁଛି । ବଡ଼ଦାଣ୍ଡରେ କାଳିଆ ଶାଆନ୍ତକୁ ନ ପାଇ ଯେପରି ଭକ୍ତମାନେ କାନ୍ଦୁଛନ୍ତି ଠିକ୍ ସେହିପରି ମନ୍ଦିରର ନାଟ ମଣ୍ଡପରେ ଥାଇ ମହାପ୍ରଭୁ ମଧ୍ୟ ଦୁଃଖରେ ଭାଙ୍ଗିପଡ଼ିଛନ୍ତି । ମହାପ୍ରଭୁଙ୍କ ମୁଖ ମଣ୍ଡଳରୁ ଏହା ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି ପୂଜକ ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି ।ମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚାଯାତ୍ରାର ରୀତିକାନ୍ତି ପାଳନ ଓ ମନ୍ଦିର ନାଟ ମଣ୍ଡପର ଭଦ୍ର ସିଂହାସନରେ ଏକ ବର୍ଷ ଧରି ମହାପ୍ରଙ୍କ ଅବସ୍ଥାନ ସମ୍ପର୍କରେ ସେବାୟତମାନଙ୍କ ଉତରକୁ ନେଇ ଦେବୋତର ନିର୍ବାହୀ ଅଧିକାରୀ ତଥା ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ ଉପରି କୌଣସି ନିର୍ଦ୍ଦେଶ ଆସିନାହିଁ। ଯେଉଁ ପ୍ରକାରର ନିର୍ଦ୍ଦେଶ ଆସିବ ସେହି ଅନୁସାରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ପ୍ରକାଶ କରିଛନ୍ତି ।

# ଦର ବୃଦ୍ଧି ପ୍ରସଙ୍ଗ ଉଠାଇ ନିଜ ଦଳକୁ ଅଡୁଆରେ ପକାଇଦେଲେ ବିଜେପି ସଭାପତି: ବିଜେଡି

ଭୁବନେଶ୍ୱର:ସାମ୍ବାଦିକ ସମ୍ମିଳନୀରେ ବିଦ୍ୟୁତ୍ ଦରବୃଦ୍ଧି ପ୍ରସଙ୍ଗ ଉଠାଇ ରାଜ୍ୟ ବିଜେପି ନିଜ ଦଳକୁ ଅଡୁଆରେ ପକାଇ ଦେଇଛନ୍ତି । ପେଟ୍ରୋଲ ଏବଂ ଡିଜେଲ ସମେତ ସାଧାରଣ ଖାଉଟି ସାମଗ୍ରୀର ଆକାଶଛୁଆଁ ବୃଦ୍ଧି ହେତୁ ସାଧାରଣ ଲୋକେ ତାଙ୍କ ଦଳ ଉପରେ ଏବେ ରକ୍ତଚାଉଳ ଚୋବାଉଥିବା ସଭାପତି ସମୀର ମହାନ୍ତି ଭୁଲିଯାଇଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି । ରାଜ୍ୟ ବିଜେପି ସଭାପତିଙ୍କୁ ଜବାବ ଦେଇ ବିଜେଡି ମୁଖପାତ୍ର କହିଛନ୍ତି ଯେ ଚଳିତ ବର୍ଷ ଏପ୍ରିଲ ମାସରେ ବିଜେପି ଶାସିତ ରାଜ୍ୟମାନେ କିପରି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରିଛନ୍ତି ତାହା ବିଜେଡି ଗଣମାଧ୍ୟମରେ ପ୍ରକାଶ କରିଥିଲା । ବିଜେପି ଶାସିତ ରାଜ୍ୟ ବିହାର ୨୬ ମାର୍ଚ୍ଚ ୨୦୨୧ରେ ବିଦ୍ୟୁତ୍ ପ୍ରତି ୟୁନିଟ୍ ପିଛା ୩୫ ପଇସା ବୃଦ୍ଧି କରିଛି । ଅନ୍ୟତମ ବିଜେପି ଶାସିତ ରାଜ୍ୟ ଉତରପ୍ରଦେଶ ଗତବର୍ଷ ୟୁନିଟ୍ ପିଛା ୬୪ ପଇସା ବୃଦ୍ଧି କରିଛି । ଅନ୍ୟ ଏକ ବିଜେପି ଶାସିତ ରାଜ୍ୟ ମଧ୍ୟପ୍ରଦେଶ ଗତବର୍ଷ ବିଦ୍ୟୁତ୍ ଦର ଯଥେଷ୍ଟ ବୃଦ୍ଧି କରିଥିଲା। ବିଜେପି ଶାସିତ ରାଜ୍ୟ କର୍ଣ୍ଣାଟକ ଗତବର୍ଷ ନଭେମ୍ବର ୧ ତାରିଖ ଠାରୁ ୟୁନିଟ୍ ପିଛା ବିଦ୍ୟୁତ୍ ଦର ପ୍ରାୟ ୪୦ ପଇସା ବୃଦ୍ଧି କରିଛି । ଓଡ଼ିଶାର ଲୋକମାନେ ଏବେ ବିଜେପିର ଏଭଳି କୁମ୍ଭୀର କାନ୍ଦଣାରେ ଅଭ୍ୟସ୍ତ ହେବା ସହିତ ସେମାନଙ୍କ କଥାକୁ ଆଉ ଗୁରୁତ୍ୱର ସହ ନେଉନାହାନ୍ତି । ଗଣମାଧ୍ୟମ ଜରିଆରେ ସମୀର ମହାନ୍ତି ତାଙ୍କ ଦଳର ହତାଶ କର୍ମୀମାନଙ୍କୁ ଉତ୍ସାହିତ କରିବାକୁ ଏବଂ ତାଙ୍କ ଦଳକୁ ରାଜନୈତିକ ଦୃଷ୍ଟିରୁ ପ୍ରାସଙ୍ଗିକ ରଖିବାକୁ ଚେଷ୍ଟା କରୁଛନ୍ତି । ଓଡ଼ିଶାର ଲୋକମାନେ ମଧ୍ୟ ଏହା ଭଲଭାବେ ଜାଣିଗଲେଣି ବୋଲି ବିଜେଡି ମୁଖପାତ୍ର କହିଛନ୍ତି ।

## ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା: ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ର କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ମଙ୍ଗଳବାର ସଦସ୍ୟା ମାନେ ଲିଖିତ ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପୃଥିବୀରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ବିଶିଷ୍ଟ ଭାରତର ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ରୋକିବା ପାଇଁ ଏକ କଠୋର ଓ ସଶକ୍ତ ଜନ୍ମ ନିୟନ୍ତ୍ରଣ ବିଧେୟକ ପାରିତ କରିବାକୁ ଦାବିପତ୍ରରେ ଦାବି କରାଯାଇଛି । ଦେଶ ସ୍ୱାଧିନ ହେବା ସମୟରେ ମାତ୍ର ୧୬ କୋଟି ଜନସଂଖ୍ୟା ଥିବା ଭାରତ ଏବେ ୧୩୮ କୋଟିରୁ ଅଧିକ ଜନସଂଖ୍ୟାକୁ ନେଇ ଖାଦ୍ୟ, ବାସଗୃହ, କର୍ମ ଯୋଗାଣ, କୃଷି, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବାସଗୃହ ଆଦି ବହୁବିଧ ସମସ୍ୟାରେ ଜଡିତ ହୋଇ ରହିଛି । ଯୋଜନା ଉପରେ ଯୋଜନା କରାଯାଉ ଥିଲେ ମଧ୍ୟ ୧୩୮ କୋଟି ଲୋକଙ୍କୁ ଲୋକଙ୍କ ସମସ୍ୟା ସମାଧାନ କରିବା ସମ୍ଭବ ହୋଇ ପାରୁନାହିଁ । ଏହାକୁ ଦୃଷ୍ଟିରେ ରଖି ଭବିଷ୍ୟତ ବଂଶଧର ମାନଙ୍କ ଖାଦ୍ୟ , ସ୍ୱାସ୍ଥ୍ୟ, ବାସଗୃହ , ରୋଜଗାର ସୁନିଶ୍ଚିନ୍ତ କରିବା ପାଇଁ ଏକ କଠୋର ଆଇନ ପ୍ରଣୟନ କରିବାକୁ ଜିଲ୍ଲା ଶାଖା ସଭାପତି ପବିତ୍ର ପରିଡାଙ୍କ ସମେତ ଉର୍ମିଳା ସେଠୀ, ଅମୃତ କୁମାର ମହାନ୍ତି, ମନିନ୍ଦ୍ର ରାଉତ, କାନନବାଳା ଦାସ, ସସ୍ମିତା ସାମଲ, ଖୁର୍ସିଦା ବେଗମ, ସମିନା ବିବି ପ୍ରମୁଖ କର୍ମକତା ମାନେ ଦାବି ଜଣାଇଛନ୍ତି ।

# ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ବୈଠକରେ କାର୍ଯ୍ୟକର୍ତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ

ଅନୁଗୁଳ/ଭୁବନେଶ୍ୱର: ବିଜେପି ପ୍ରତିଲୋକଙ୍କ ଆସ୍ଥା ଓ ବିଶ୍ୱାସକୁ ବଢ଼ାଇବା ତଥା ଦଳରସଂଗଠନକୁ ସଶକ୍ତ କରିବାକ ହେଲେ ଆମକୁବୁଥ ସମିତିଗଠନ କରିଏହାକୁ 'ନରେନ୍ଦ୍ରମୋଦି ମିତ୍ରମଣ୍ଡଳି'ରେ ନାମିତକରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀଙ୍କ କଥାକୁଉଦ୍ଧରେଇ ପହଁଚାଇବାକୁ ପଡ଼ିବ । ତେବେ ଯାଇ ଆମେ ଅନୁଗୁଳକୁ ପ୍ରଭାବଶାଳୀ ଜିଲ୍ଲା ଭାବରେ ଗଢ଼ିପାରିବା ବୋଲି ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ବୈଠକରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ବୈଠକରେ କାର୍ଯ୍ୟକର୍ତାମାନଙ୍କୁ ସେବା,ସଂଗଠନ,ସମ୍ପର୍କ ଓ ସଂଘର୍ଷ ଆଧାରରେ ଆଗକୁ ବଢ଼ିବା ସହ ଅକ୍ଲାନ୍ତ ପରିଶ୍ରମ କରିବୁଥ ସ୍ତରରେ ଦଳର ସଂଗଠନକୁ ଆହୁରି ମଜବୁତ କରିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଘରେଘରେ ପହଁଚାଇବା ପାଇଁ ପରାମର୍ଶଦେଇଛନ୍ତି । ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ହେଉଛି ରାଜନୈତିକ ଦାୟିତ୍ୱ ନେବା ଏବଂ ଲୋକଙ୍କ ସମସ୍ୟାରେ ଛିଡ଼ା ହେବା । ଆମ ଅନୁଗୁଳ ଜିଲ୍ଲାକୁ ପ୍ରଭାବଶାଳୀ ଜିଲ୍ଲା ଭାବରେ ପରିଣତ କରିବା।ସେ କହିଛନ୍ତି ଯେ କାର୍ଯ୍ୟକର୍ତାଙ୍କ ପରିଶ୍ରମ ଏବଂ ଜନ ଆଶୀର୍ବାଦ ବଳରେ ଆମେ ଆଗକୁ ବଢୁଛେ। ଏବେ ନୂଆ ସମୟ, ଖବରଏବଂ ନୂଆ ମାଧ୍ୟମକୁ ବୁଝି ଆମକୁ ଲୋକମାନଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସମସ୍ୟାର ସମାଧାନ କରିବା ଦରକାର। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ମିଶନରେ ଓଡ଼ିଶାକୁ ଏକବିଂଶ ଶତାବ୍ଦୀରେ ବିକଶିତ କରିବା ପାଇଁ ଦୁଇଗୁଣା ପରିଶ୍ରମ କରିବାକୁ ପଡିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଆମକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ବିଗତ ୬ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ବିଜେପିର ଓଡ଼ିଶା ପ୍ରତି ଥିବା ପ୍ରତିବଦ୍ଧତା ଓ ଦାୟିତ୍ୱ ୨୦୧୯ ନିର୍ବାଚନରେ ମଧ୍ୟ ପ୍ରତିଫଳିତ ହୋଇଛି। ଆଗାମୀ ଦିନରେ ମଧ୍ୟ ଓଡ଼ିଶାରେ ବିଜେପି ପାଇଁ ରାଜ୍ୟରେ ଚାଲୁଥିବା ସରକାରଙ୍କ ଦୋଷ ଦୁର୍ବଳତା ପାଇଁ କେବଳ ନକରାତ୍ମକ ଭୋଟ୍ ନୁହେଁବରଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁରେ ସକରାତ୍ମକ ଭୋଟର ଏକ ବିରାଟ ବଡ଼ ଯୋଗଦାନ ରହିବ। ଏହାକୁ ଲକ୍ଷ୍ୟରେ ରଖି କାର୍ଯ୍ୟକର୍ତାଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହି ଭର୍ଚୁଆଲ କାର୍ଯ୍ୟକାରିଣୀ ବୈଠକରେ ପୂର୍ବତନ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଦିଲ୍ଲେଶ୍ୱର ପ୍ରଧାନ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଅଗସ୍ତି ବେହେରା, ପ୍ରତାପ ପ୍ରଧାନ, ଭାଗିରଥୀ ପ୍ରଧାନ ତଥା ବିଭିନ୍ନମଣ୍ଡଳର କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

# କେନ୍ଦୁଝର:କମୁଛି କରୋନା ସଂକ୍ରମିତଙ୍କ ସଂଖ୍ୟା:ବଢୁଛି ମୃତଙ୍କ ସଂଖ୍ୟା:ଆଜି ୪୮ ସଂକ୍ରମିତ ଚିହ୍ନଟ:୧୩ ଦିନରେ ୨୪ ମୃତ୍ୟୁ

କେନ୍ଦୁଝର :କେନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବେ ଧୀରେ ଧୀରେ କମୁଥିଲେ ମଧ୍ୟ ସେପଟେ ମୃତକଙ୍କ ସଂଖ୍ୟା ବଢି ବଢି ଚାଲିଛି । ଚଳିତ ମାସ ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନା ମୃତ୍ୟୁ ସଂଖ୍ୟା ୨୪ ରେ ପହଂଚିଥିବା କଥା ସରକାରୀ ରିପୋର୍ଟରୁ ସୂଚନା ମିଳିଛି । ପୂର୍ବରୁ ଯେଉଁ ସରକାରୀ ରିପୋର୍ଟ କରୋନା ମୃତକଙ୍କ ସଂଖ୍ୟାକୁ କମ୍ ଦର୍ଶାଇବା ଉଦ୍ଦେଶ୍ୟରେ କରୋନା ରୋଗରେ ମୃତ୍ୟୁ ହେଉଥିବା ରୋଗୀଙ୍କ ମୃତ୍ୟୁକୁ ଅନ୍ୟ ରୋଗ ବୋଲି ଦର୍ଶାଇ ଲୋକଙ୍କ ଦ୍ୱାରା ସମାଲୋଚିତ ହୋଇଆସୁଥିଲା ଏବେ ତାର ସାମାନ୍ୟ ପରିବର୍ତନ ହୋଇଥିବାର ଲକ୍ଷ୍ୟ କରାଯାଉଛି । ଫଳରେ ଏବେ କରୋନାରେ ମୃତକଙ୍କ ସଂପର୍କରେ କିଛି କିଛି ସୂଚନା ଦିଆଯାଇଅଛି । ଆଜି ଜିଲ୍ଲାରେ ୪୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସେ ମଧ୍ୟରେ ଘଷିପୁରା ବ୍ଲକ ଓ ହାଟଡିହି ବ୍ଲକ ଅଂଚଳରେ ସର୍ବାଧିକ ୬ ଜଣ ଲେଖାଁଏ ରହିଥିବା ବେଳେ କେନ୍ଦୁଝର ଗଡ ମ୍ୟୁନିସିପାଲଟି , ଆନନ୍ଦପୁର ମ୍ୟୁନିସପାଲଟି , ଝୁମ୍ପୁରା ବ୍ଲକ , ଯୋଡା ବ୍ଲକ ଓ ତେଲକୋଇ ବ୍ଲକ ଅଂଚଳରେ ୪ ଜଣ ଲେଖାଁଏ , ଆନନ୍ଦପୁର ବ୍ଲକ , ଚମ୍ପୁଆ ବ୍ଲକ ଓ ଚମ୍ପୁଆ ଏନ. ଏ . ସି ଅଂଚଳରେ ୩ ଜଣ ଲେଖାଁଏ , ଘଟଗାଁ ବ୍ଲକ ଓ ଯୋଡା ମ୍ୟୁନିସପାଲଟି ଅଂଚଳରେ ୨ ଜଣ ଲେଖାଁଏ , ବଡବିଲ ମ୍ୟୁନିସପାଲଟି ଓ ସଦର ବ୍ଲକ ଅଂଚଳରେ ୧ ଜଣ ଲେଖାଁଏ ରହିଛନ୍ତି ।ଅନ୍ୟ ପକ୍ଷରେ ଆଜିର ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକର ବାଇଲୋ ପଂଚାୟତ ଅଂଚଳରେ ୧ ଜଣ ଓ ବାଂଉଁଶଗଡ ପଂଚାୟତ ଅଂଚଳରେ ୨ ଜଣ , ଆନନ୍ଦପୁର ମ୍ୟୁନିସପାଲଟିର ଓ୍ୱାର୍ଡ ନଂ ୧୪ ଓ ୧୬ ରେ ୨ ଜଣ ଲେଖାଁଏ , ବଡବିଲ ମ୍ୟୁନିସପାଲଟି ର ଓ୍ୱାର୍ଡ ନଂ ୧୦ ରେ ୧ ଜଣ , ଚମ୍ପୁଆ ବ୍ଲକର ଭଣ୍ଡା , କରଞ୍ଜିଆ ଓ ରଙ୍ଗମାଟିଆ ଅଂଚଳରେ ୧ ଜଣ ଲେଖାଁଏ , ଚମ୍ପୁଆ ଏନ୍ ଏ. ସି ଓ୍ୱାର୍ଡ ନଂ ୧୧ ରେ ୩ ଜଣ , ଘଷିପୁରା ବ୍ଲକର ଅଳତୀ , ଭଣ୍ଡାରିଡିହା , ଗୋହିରା , କେଶଦୁରାପାଳ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଘଟଗାଁ ବ୍ଲକର ମନୋହରପୁର ଓ ରୁଟିଶିଳା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ହାଟଡିହି ବ୍ଲକର ଆମ୍ବୋ ପଂଚାୟତ ଅଂଚଳରେ ୧ ଜଣ , ବଡରମ୍ପାଶ ପଂଚାୟତ ଅଂଚଳରେ ୩ ଜଣ ,ହାଟଡିହି ପଂଚାୟତ ଅଂଚଳରେ ୨ ଜଣ , ଝୁମ୍ପୁରା ବ୍ଲକର ଗୁମୁରା , ଝୁମ୍ପୁରା , ନହବେଡା , ନିଶ୍ଚିନ୍ତପୁର ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଯୋଡା ବ୍ଲକର ବଡକାଳୀମାଟି ଓ ବଳାଣି ପଂଚାୟତ ଅଂଚଳରେ ୧ ଜଣ , ଓ ଝେର ପଂଚାୟତ ଅଂଚଳରେ ଜଣ , ଯୋଡା ମ୍ୟୁନିସପାଲଟି ର ଓ୍ୱାର୍ଡ ନଂ ୯ ରେ ୨ ଜଣ , କେନ୍ଦୁଝର ଗଡ ମ୍ୟୁନିସପାଲଟିର ଓ୍ୱାର୍ଡ ନଂ ୧ , ୧୫ ଓ ୧୭ ଅଂଚଳରେ ୧ ଜଣ ଲେଖାଁଏ , ଓ୍ୱାର୍ଡ ନଂ ୯ ରେ ୨ ଜଣ , କେନ୍ଦୁଝର ସଦର ବ୍ଲକ ର ନେଲୁଙ୍ଗୁ ପଂଚାୟତ ଅଂଚଳରେ ୧ ଜଣ ଓ ତେଲକୋଇ ବ୍ଲକର ବଳଭଦ୍ରପୁର ପଂଚାୟତ ଅଂଚଳରେ ୪ ରହିଛନ୍ତି । ଫଳରେ ଜିଲ୍ଲାରେ ଆଜି ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୧୯୭୮୩ ରେ ପହଂଚିଥିବା ବେଳେ ସୁସ୍ଥ ସଂଖ୍ୟା ୧୯୨୫୭ ରେ ପହଞ୍ଚିଅଛି । ଆକ୍ଟିଭ ସଂଖ୍ୟା ୪୩୪ ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ୧୮୩୧ ଜଣଙ୍କର କୋଭିଡ ଟେଷ୍ଟ ହୋଇଛି । ଆଜି ଆନନ୍ଦପୁର ବ୍ଲକ ଅଂଚଳରେ ଜଣେ ୩୬ ବର୍ଷ ବୟସ୍କ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ସଦର ବ୍ଲକ ଅଂଚଳରେ ଜଣେ ୪୫ ବର୍ଷ ବୟସ୍କା ମହିଳାଙ୍କ ମୃତ୍ୟୁ ହୋଇଛି । ଫଳରେ ଜିଲ୍ଲା ରେ କରୋନା ମୃତ୍ୟୁ ସଂଖ୍ୟା ୯୨ ରେ ପହଂଚିଅଛି ।

# ବ୍ରହ୍ମପୁର ସହରରେ ଜିଲ୍ଲା ଛାତ୍ର କଂଗ୍ରେସ ର ବିକ୍ଷୋଭ ପଦଯାତ୍ରା

ଭୁବନେଶ୍ୱର: ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିକାଶ ପଶୁପାଳକ ନେତୃତ୍ୱରେ ଏବଂ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସହଯୋଗରେ ବର୍ଦ୍ଧିତ ତୈଳ ଓ ନିତ୍ୟ ବ୍ୟବହାର୍ଯ୍ୟ ଦରର ପ୍ରତିବାଦରେ ଏକ ବିକ୍ଷୋଭ ପଦଯାତ୍ରା ହୋଇଥିଲା, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଲେ ଯେ କଂଗ୍ରେସ ସମୟରେ ଟଙ୍କାଟେ ତେଲ ଦର ବଢୁଥିବା ବେଳେ ବିଜେଡି ର ବିଧାୟକ ଓ କର୍ମକର୍ତା ମାନେ ରାଜରାସ୍ତାରେ ଚିତ୍କାର କରୁଥିଲେ, ଆଜି ବିଜେପି ପାଖରେ ବିଜେଡି ମୁଣ୍ଡ ବିକି ଦେଇଛି । ମୋଦୀଙ୍କର ଆଚ୍ଛାଦିନର ଚିତ୍ର କେତେ ବିକୃତ ତାହା ଆଜି ଜନ ସାଧାରଣ ଅନୁଭବ କରୁଛନ୍ତି, ବିଜୁ ବାବୁ କଣ ଏହି ସ୍ୱପ୍ନ ଦେଖିଥିଲେ ବୋଲି ଶ୍ରୀ ନୱାଜ ମୁଖ୍ୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ମୋଦୀ ଓ ନବୀନଙ୍କ ଜନ ବିରୋଧି ନିତି ବିରୁଦ୍ଧରେ ଛାତ୍ର କଂଗ୍ରେସ ଅବିଶ୍ରାନ୍ତ ସଂଗ୍ରାମ କରିବ ବୋଲି ସଂକଳ୍ପ ନେଉଛି । ରାଷ୍ଟ୍ରୀୟ ଛାତ୍ର କଂଗ୍ରେସ ର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଶୁଶ୍ରି ଅନୁଲେଖା ବୋଷା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଥିଲେ ଯେ ଉଭୟ ମୋଦୀ ଓ ନବୀନ ସରକାର ବିଭିନ୍ନ ଉପାୟରେ ଜନ ସାଧାରଣଙ୍କୁ ଲୁଣ୍ଠନ କରୁଛନ୍ତି ଓ ସେମାନଙ୍କର ରକ୍ତ ଶୋଷଣ କରୁଛନ୍ତି, ଆଜିର ଭୟାନକ ମହଙ୍ଗା ପରିସ୍ଥିତି ମୋଦୀ ଓ ନବୀନ ମାର୍କା ବିକାଶ ର ବିକଳ ଚିତ୍ର , ସୁଶ୍ରୀ ବୋଷା କହିଛନ୍ତି ଯେ ତୈଳ ଓ ଗ୍ୟାସ ଦର ବୃଦ୍ଧି ପ୍ରସଙ୍ଗରେ ନବୀନ ପଟ୍ଟନାୟକଙ୍କର ନୀରବତା ଜନ ସାଧାରଣଙ୍କ ପ୍ରଶ୍ନବାଚୀ ସୃଷ୍ଟି କରିଛି,କରୋନା ମହାମାରୀ ରେ ଲୋକେ ସର୍ବସ୍ୱାନ୍ତ ହୋଇ ଲୁହ ଗଡାଉଥିବା ବେଳେ ପ୍ରଧାନମନ୍ତ୍ରୀ ପରିସ୍ଥିତିର ନିୟନ୍ତ୍ରଣ ପାଇଁ ତିଳେ ମାତ୍ର ପ୍ରଚେଷ୍ଟା କରୁ ନାହାନ୍ତି , ସାଧାରଣ ଲୋକ ଅନୁଭବ କରୁଛନ୍ତି ଯେ ହିଟଲର୍ ଓ ମୁଷଲିନି ଶାସନ ଦେଶ ଓ ରାଜ୍ୟରେ ଚାଲିଛି । ଛାତ୍ର କଂଗ୍ରେସ ଜାତୀୟ ସଂଯୋଜକ ଆଦିତ୍ୟ ଚୌଧୁରୀ କହିଥିଲେ ଯେ ଛାତ୍ର କଂଗ୍ରେସ ର ପ୍ରଭାବଶାଳୀ ପ୍ରତିବାଦର ସ୍ୱର ପରିସ୍ଥିତି ରେ ପରିବର୍ତନ ଆଣି ପାରିବ । ଯଦି ବା ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି, ବିଳମ୍ବନା ଏହିକି ଯେ ସୁରଟ ର ସୂତାକଳ ରେ ଓ ଆନ୍ଧ୍ରର ଇଟାଭାଟିରେ ଗଞ୍ଜାମର ଯୁବ ଛାତ୍ରଙ୍କ ଭାଗ୍ୟ ବନ୍ଧା ପଡ଼ିଛି । ଛାତ୍ର କଂଗ୍ରେସ ର ନେତୃବୃନ୍ଦ ପ୍ରତିବାଦ ପଦଯାତ୍ରାରେ ସହର ପରିକ୍ରମା କରୁଥିବା ବେଳେ ସେଠାରେ ଅବସ୍ଥିତ ମହାତ୍ମାଗାନ୍ଧୀ ଓ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରିଥିଲେ, ଏହି କାର୍ଯ୍ୟକ୍ରମରେ ଦେବାଶିଷ ମହାନ୍ତି ,ଶୁଭଙ୍କର ମାଳି, ମହେଶ ଗୌଡ,ପ୍ରତିକ୍ ରାଣା, ମନୋଜ ଡୋରା, ପ୍ରଶାନ୍ତ ବିଶୋଇ, ରଶ୍ମି ପଟ୍ଟନାୟକ ଓ ସରୋଜ ଦଳେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## କାର୍ଯ୍ୟରତ ମିନିଟ୍ରକ ଡ୍ରାଇଭରମାନଙ୍କୁ କୋଭିଡ଼ ଯୋଦ୍ଧାର ମାନ୍ୟତା ମିଳୁ

ଭୁବନେଶ୍ୱର: ମହାମାରୀ କରୋନା ଯୋଗୁ ସାରା ଦେଶରେ ଲକଡ଼ାଉନ, ସଟଡ଼ାଉନ ଚାଲିଥିବା ସତ୍ତ୍ୱେ କଟକ ଭୁବନେଶ୍ୱର ମିନିଟ୍ରକ ମାଲିକ ମହାସଂଘର କର୍ମକର୍ତାମାନେ ନିଜ ଜୀବନକୁ ବାଜି ଲଗାଇ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଔଷଧ, ଭେଂଟିଲେଟର, ସିଲିଣ୍ଡର, ମାସ୍କ ଓ ଅତି ଜରୁରୀ ଖାଦ୍ୟସାମଗ୍ରୀ ପରିବହନ କରିଆସୁଛନ୍ତି। କିନ୍ତୁ କିଛି ଜିଲ୍ଲାର ଆଂଚଳିକ ପରିବହନର କର୍ମଚାରୀମାନେ ରାସ୍ତାରେ ଗାଡ଼ି ଅଟକାଇ ଟଙ୍କା ମଧ୍ୟ ଆଦାୟ କରୁଛନ୍ତି। ଢେଙ୍କାନାଳ, ଛତ୍ରପୁର, ନୟାଗଡ଼ ପରିବହନ ବିଭାଗର ସଦସ୍ୟମାନେ ଏବଂ ପାହାଳ-ଫୁଲନଖରା ଠାରୁ ଗୋପଳପୁର ଛକ ପର୍ଯ୍ୟନ୍ତ ଟ୍ରାଫିକ ପୋଲିସ୍ଙ୍କର ବେଆଇନ୍ ଇ-ଚାଲାଣ କାଟିବା ବନ୍ଦ କରାଯାଉ। କୋଭିଡ଼ କଟକଣା ନିୟମ ଅନୁଯାୟୀ ୮୦% ଗାଡ଼ି ସ୍ଥଗିତ ଅଛି ଏବଂ ଯେଉଁ ୨୦% ଗାଡ଼ି ଯାତାୟତ କରୁଅଛି ତାହା ମଧ୍ୟ ବହୁ କ୍ଷତି ମାଲିକମାନେ ସହୁଛନ୍ତି। କାରଣ ଡିଜେଲ ଦର ଓ ଯାନ୍ତ୍ରିକ ପାର୍ଟସ ଆକାଶଛୁଆଁ ହେବାକୁ ଲାଗିଛି । ଯାହାଫଳରେ ଗାଡ଼ି ମାଲିକମାନେ ନିଜର ପରିବାର ଚଳାଇବା ପାଇଁ ଅସମର୍ଥ ହେଉଥିବା ସମୟରେ ଫାଇନାନ୍ସ ବାଲାଙ୍କ କିସ୍ତି ଗଣିବା ଓ ଗାଡ଼ି ଟାଣି ନେବା ଜୁଲମ୍ ମଧ୍ୟ କମ୍ ହେଉନାହିଁ।

# ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି। ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି। ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି। ବେଦାନ୍ତର ଆଲୁମିନିୟମ ଏବଂ ପାୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି। କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ। ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି। ସାଧାରଣତଃ ଉତ୍ପାଦନ ଏବଂ ଭାରି ଇଞ୍ଜିନିୟରିଂ ସେଗମେଂଟ୍ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି। ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ। ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଓଡିଶାରେ ବେଦାନ୍ତର ପ୍ଲାଂଟ୍ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି ।ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି ।ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ। କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ। କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ। କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:



+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ। ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍ରେ ସଫଳ ହେବାର ସମ୍ଭବନା ଅଧିକ ରହିଥାଏ।


+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ। ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ। ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ। ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ। ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି। ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି। ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ। ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି। କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି। ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ। ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି। ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ ।ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି। ଯାହାଦ୍ୱାରା ଦେଶରେ ଯେଭଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହନ୍ତି। ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ। ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ। ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟେସନ୍ ଆଣ୍ଡ କଂଟ୍ରୋଲରେ ଇଞ୍ଜିନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗଦେଇଥିଲେ। ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ। କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ। ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇଞ୍ଜିନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା। ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା। ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ। ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି। ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି। ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି। ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ। ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ। ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି। ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ।

## ଶିଶୁ ମଙ୍ଗଳ କମିଟି ସହଯୋଗରେ ନିଜ ଘରକୁ ଫେରିଲା ବିହାରୀ ନାବାଳକ

କେନ୍ଦ୍ରାପଡ଼ା : ଉଦ୍ଦେଶ୍ୟହୀନ ଭାବେ ନିଜ ଘରୁ ପଳାଇ ଆସିଥିବା ନାବାଳକକୁ କେନ୍ଦ୍ରାପଡା ସିଡବ୍ଲୁସି ସହାୟତାରେ ବିହାର ସ୍ଥିତ ନିଜ ଘରକୁ ପଠାଇ ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତା ମାନେ ଏହି ନାବାଳକକୁ ଦୁଇମାସ ଧରି ନିଜ ହେପାଜତ ରେ ରଖିବା ସହ ତା ପରିବାର ସହ ଯୋଗାଯୋଗ କରି ଗୁରୁବାର ତାକୁ ଘରକୁ ପଠା ଯାଇଛି । ଘଟଣା ମୁତାବକ ବିହାର ରାଜ୍ୟର ଲକିସରାଇ ଜିଲ୍ଲାର ବୃନ୍ଦାବନ ଗ୍ରାମର ରାହୁଲ କୁମାର (୧୫) ସାମନ୍ୟ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି କାରଣରୁ ନିଜ ଘରୁ ପଳାଇ ଆସି କେନ୍ଦ୍ରାପଡା ସହରରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିଲା । ପୁରୁଣା ବସଷ୍ଟାଣ୍ଡ ଅଂଚଳରେ କିଛିଦିନ ବୁଲାବୁଲି କରିବା ପରେ ଟାଉନଫାଣ୍ଡି ଜମାଦାର ନରେନ୍ଦ୍ରନାଥ ସୋରେନଙ୍କ ସହଯୋଗରେ ଶିଶୁ ମଙ୍ଗଳ କମିଟିର ମାର୍ଫତରେ ଦିଆଯାଇ ଥିଲା । କମିଟି ପକ୍ଷରୁ ବିକାଶ ସାମଲ ଓ ପୋଲିସ କର୍ମଚାରୀ ଆଶିଷ ରଞ୍ଜନ ଆଚାର୍ଯ୍ୟ ରାହୁଲକୁ ସାଙ୍ଗରେ ନେଇ ବିହାର ରେ ଥିବା ତାଙ୍କ ଘରକୁ ଯାଇଥିବା ଜଣାପଡିଛି । ବିଦାୟ ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଭଗବତୀ ପ୍ରସାଦ ଦାସ, ସ୍ମିତାଞ୍ଜଳୀ ମହାପାତ୍ର, ବାଦଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କୋର୍ଟ ପରିସରରେ ମିଳୁନି ପାନୀୟଜଳ, ନାହିଁ ଶୌଚାଳୟ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ର ନୂତନ କୋର୍ଟ କମ୍ପେକ୍ସ ପରିସରରେ ପାନୀୟଜଳ ର ସୁବିଧା ନଥିବାରୁ ଆଇନଜୀବି , ମୋହରିର ଓ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ପିଇବା ପାଣି ଟୋପାକ ପାଇଁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହି ୪ମହଲା ବିଶିଷ୍ଟ କୋଠାରେ କୋର୍ଟକାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦୈନିକ ଶହ ଶହ ମହକିଲ କୋର୍ଟ କାର୍ଯ୍ୟରେ ଅଦାଲତକୁ ଆସିଥାନ୍ତି । ଏହା ମଧ୍ୟରେ ପରିବାର ଅଦାଲତ ଚାଲି ଥିବାରୁ ବହୁ ସଂଖ୍ୟକ ମହିଳା ମହକିଲ ପାଣି ପିଇବା ପାଇଁ ନିକଟବର୍ତୀ ଦୋକାନ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି । କୋର୍ଟ ପରିସର ରେ ସାଧାରଣ ଲୋକଙ୍କ ପାଇଁ ପିଇବାପାଣି ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଆଇନଜୀବି ମୋହନ ସାହୁ, ଗଗନ ଜେନା, ଗଗନ ରାଉତ, ତାରିଣି ପଟଜୋସୀ, ସେକ ଅଜିମୁଦ୍ଦିନ, ଗୋଲଖ ରାଉତ, ଶାନ୍ତି ସ୍ୱରୂପ ଭୂୟାଁ, ଚୈତନ୍ୟ ଚରଣ ମଲିକ ପ୍ରମୁଖ ଦାବି କରିଛନ୍ତି ।




# ମୋନା ପକ୍ଷରୁ ଉତ୍କଳ ଦିବସରେ ମଦମୁକ୍ତ ଓଡିଶା ଦାବି




ଭୁବନେଶ୍ୱର (ପିଏନ୍): ୮୫ତମ ଉତ୍କଳ ଦିବସ ଅବସରରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ରାଜଧାନୀ ଭୁବନେଶ୍ୱରସ୍ଥିତ ଗବର୍ନର ହାଉସ ଛକଠାରେ ଉତ୍କଳଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଲୋଏର ପିଏଜି ଛକଠାରେ ମଦ ମୁକ୍ତ ଓଡିଶା ପାଇଁ ଦାବୀ କରାଯାଇଥିଲା । କେବଳ ଏତିକି ନୁହେଁ ସଂଗଠନ ପକ୍ଷରୁ ପ୍ରଦେଶକୁ କିପରି ଭାବେ ଯଥାଶୀଘ୍ର ମଦ ମୁକ୍ତ କରାଯିବ, ସେ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ମଧ ପ୍ରଦାନ କରାଯାଇଛି । ଏହି ଅବସରରେ ମୋନାର ସଭାପତି ଶ୍ରୀ ପଦ୍ମଚରଣ ନାୟକ କହିଛନ୍ତି ଯେ, ରାଜ୍ୟକୁ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଅନେକ ଓଡିଆ ନିଜକୁ ଉତ୍ସର୍ଗ କରିଦେଇଥିଲେ। ତାଙ୍କ ପ୍ରୟାସ ପାଇଁ ଓଡିଶା ସର୍ବଦା ଋଣୀ । ସେହି ରାଜ୍ୟରେ ଚଳିତ ସରକାର ୨୦ ବର୍ଷରୁ ଅଧିକ କାଳ ରହିବାର ସୌଭାଗ୍ୟ ଲାଭ କରିଛି । ଏହି ସମୟ ମଧ୍ୟରେ ରାଜ୍ୟରେ ମଦର ପ୍ରସାର ୨୦ ଗୁଣରୁ ଅଧିକ ବଢିଛି। ଏହାଫଳରେ ଲକ୍ଷାଧିକ ଲୋକ ସଡ଼କ ଦୁର୍ଘଟଣାରେ ମରୁଛନ୍ତି। ବିଷାକ୍ତ ମଦ ଯୋଗୁଁ ଯେତିକି ପ୍ରାଣ ହରାଉଛନ୍ତି, ବିଶୁଦ୍ଧ ମଦ ପିଇ ମଧୁମେହ ହୁଏ ଏବଂ ତା'ରି ଫଳରେ ଲୋକେ ରୋଗ ପ୍ରତିରୋଧକ ଶକ୍ତି ହରାନ୍ତି। ପରିଣାମସ୍ୱରୂପ ହୃଦ୍‌ଘାତ ଓ ନାନାପ୍ରକାର କର୍କଟ ରୋଗରେ ସେମାନେ ତରୁଣ ବୟସରେ ପ୍ରାଣ ହରାନ୍ତି। ଗତ ୨୦ବର୍ଷ ମଧ୍ୟରେ ଏଭଳି ଭାବରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଯୁବତୀ ଅଳ୍ପ ବୟସରୁ ବିଧବା ହେବା ତା'ର ପ୍ରମାଣ। ପଶ୍ଚିମ ଓଡ଼ିଶାରେ ଅନେକ ଗାଁରେ ଏଭଳି କାରଣରୁ ଏତେ ଯୁବତୀ ବିଧବା ହୋଇଛନ୍ତି ଯେ କେତେ ଗାଁରେ ବିଧବାପଡ଼ା ବି ଦେଖିବାକୁ ମିଳେ। ଏହାସହ ସେ କହିଛନ୍ତି ଯେ, ''ଯେଉଁମାନେ ସ୍ୱତନ୍ତ୍ର ଓଡ଼ିଶା ପାଇଁ ଲଢିଥିଲେ; ସେମାନେ ସ୍ୱପ୍ନ ଦେଖିଥିଲେ ସମୃଦ୍ଧ ଓ ଗୌରବମଣ୍ଡିତ ଉତ୍କଳର। ସରକାର ଆଗାମୀ ବର୍ଷକ ମଧ୍ୟରେ ଓଡ଼ିଶାକୁ ନିଶାମୁକ୍ତ କଲେ ସେହି ମହାନ ଜାତିପ୍ରାଣମାନଙ୍କ ସ୍ୱପ୍ନ ସାକାର ହେବ ଓ ଓଡ଼ିଶାର ନିୟୁତ ନିୟୁତ ମାଆମାନଙ୍କର ଆଖିରୁ ଲୁହ ଶୁଖିବ ଏବଂ ପିଲାଙ୍କ ମୁହଁରେ ହସ ଫୁଟିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମଳୟ ତ୍ରିପାଠୀ, ବାଣୀ ଦାସ, ଖଗେଶ୍ୱର ବଳ, ସୌମ୍ୟରଞ୍ଜନ ମହାନ୍ତି, ଇନ୍ଦୁମତୀ ନାୟକ, ଶାନ୍ତିଲତା ରାଉତରାୟ, ପ୍ରଭାତ ସାମନ୍ତରାୟ, ଶୁଭେନ୍ଦୁ ରାଉତରାୟ, ମୃତ୍ୟୁଞ୍ଜୟ ସାମଲ, ରମାକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

# ମାତୃଭୂମି ଓ ମାତୃଭାଷାର ସୁରକ୍ଷା ଆଜିର ଯୁବପିଢିଙ୍କ ଦାୟିତ୍ୱ

ଭୁବନେଶ୍ୱର (ପିଏନ୍): ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରରେ ପବିତ୍ର ୮୫ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରାରମ୍ଭରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ ସହ ଉତ୍କଳର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ଉତ୍କଳ ଦିବସ ପାଳନର ଆଭିମୁଖ୍ୟ ତଥା ଓଡିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରତ୍ୟେକ ଓଡିଆଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସୂଚାଇ ଦେଇଥିଲେ। ଏଥିସହିତ ଯୁବପିଢିମାନଙ୍କୁ ମାତୃଭୂମି ଓ ମାତୃଭାଷାର ସୁରକ୍ଷା ପାଇଁ ସଚେତନ ହେବା ଦିଗରେ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷିକାମାନଙ୍କ ଦ୍ୱାରା ସାମୂହିକ ସଙ୍ଗୀତ, ନୃତ୍ୟ, କବିତା ପାଠ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ତାତ୍ପର୍ଯ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରାଯାଇଥିଲା। କୋଭିଡ଼୍ କଟକଣାକୁ ଦୃଷ୍ଟିରେ ରଖି ଏହି ଦିବସର ମାହାତ୍ମ୍ୟ, ଛାତ୍ରଛାତ୍ରୀ ମାନଙ୍କ ଅବଗତି ନିମନ୍ତେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଏକ ଭିଡିଓ ଅନଲାଇନ ମାଧ୍ୟମରେ ପ୍ରସାରଣ କରାଯାଇଛି। ବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଜିଲ୍ଲା ଓ ବ୍ଲକ୍ କଂଗ୍ରେସ ତରଫରୁ ଉତ୍କଳ ଦିବସ ପାଳିତ


ରାଉରକେଲା (ପିଏନ୍): ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ୮୫ତମ ଉତ୍କଳ ଦିବସ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ନିରାଡମ୍ବର ଭାବେ ପାଳନ କରାଯାଇଛି । ଜିଲ୍ଲା କଂଗ୍ରେସର କର୍ମକର୍ତ୍ତାମାନେ ସକାଳ ୯ଟା ବେଳେ ରେଳଷ୍ଟେସନ ନିକଟସ୍ଥ ମଧୁସୂଦନ ମାର୍ଗରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଭୂମିକାର ସ୍ମୃତିଚାରଣ କରିଥିଲେ । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସେବାଦଳ ଅଧକ୍ଷ ବିନୋଦ ରାଉତ, ଓବିସି ଅଧକ୍ଷ କୈଳାସ ସାହୁ, ଏସ୍‌ଟି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ବରିଷ୍ଠ ନେତା ସୁନୀଲ ପଟ୍ଟନାୟକ, ସରୋଜ ଲେଙ୍କା, ଭାସ୍କର ଖିଲ୍ଲାର, ତ୍ରିଲୋଚନ ସାହୁ, ନାରୀନେତ୍ରୀ ତୁଳସୀ ନାଗ, ରିତା ମଲ୍ଲିକ ଓ ଅମ୍ରିତ କୌର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରି ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ଛେଣ୍ଡଠାରେ ଉତ୍କଳ ପ୍ରଦେଶ ଗଠନର ମହାନାୟକ ମଧୁବାବୁ ଓ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ୭ ନମ୍ବର ବ୍ଲକ୍ କଂଗ୍ରେସ ତରଫରୁ ମାଲ୍ୟାର୍ପଣ କରାଯାଇ ଉତ୍କଳ ଦିବସ ପାଳନ କରାଯାଇଥିଲା । ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଗିରିଜାଶଙ୍କର ମିଶ୍ର, ବସନ୍ତ ସାମଲ, ସୁବଳ ବାସୁରୀ, ସୁଧୀର ନାଥ, ବନଲତା ବେହେରା ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଅଂଶଗ୍ରହଣ କରିଥିଲେ। ଅନୁରୂପ ଭାବେ ୪ନମ୍ବର ବ୍ଲକ୍ କଂଗ୍ରେସ ତରଫରୁ ମଧୁସୂଦନପାଲ୍ଲୀଠାରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବ୍ଲକ୍ କଂଗ୍ରେସ ସଭାପତି ସରୋଜ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ମୋଚ୍ଛୁ ସାହୁ, ରାଜେଶ ପ୍ରସାଦ, ସୁପର୍ଣ୍ଣ ଶାହା, ରାଜେଶ ଚୌଧୁରୀ, ସିକନ୍ଦର ସାହୁ, ମୁନ୍ନା ସାହୁ, ଶକୁନ୍ତଳା ଦେବୀ, ମମତା ଦଉ ପ୍ରମୁଖଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ।

# ରଣପୁର ବିଦ୍ରୋହର ଶହୀଦ





ପରାଧୀନ ଥିଲା ଆମ ଦେଶ। ସେତେବେଳେ ପ୍ରତ୍ୟକ୍ଷ ବ୍ରିଟିଶ୍ ଶାସନ ଅଂଚଳ ବ୍ୟତୀତ ୬୫୪ଟି କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଗଡ଼ଜାତ ରାଜ୍ୟମାନଙ୍କରେ କରଦ ରାଜା, ମହାରାଜାମାନଙ୍କର ଶାସନ ଚାଲୁଥିଲା। ଗଡ଼ଜାତି ଶାସନରେ ଅତିଷ୍ଠ ହୋଇ ବେଠି, ବେଗାରି, ମାଗଣ, ରସଦ, କର, ଟିକସ, ଅନ୍ୟାୟ, ଅତ୍ୟାଚାର, ଦୁରାଚାର, ଭ୍ରଷ୍ଟାଚାର, ଶୋଷଣ, ପ୍ରେଷଣ, ଉତ୍ପୀଡ଼ନ ଓ ନିଷ୍ପୀଡ଼ନ ଦ୍ୱାରା ପ୍ରଜାମାନେ ହନ୍ତସନ୍ତ ଓ ତଳିତଳାନ୍ତ ହେଉଥିଲେ। କୌଣସି ପ୍ରଜା ଏହି ଅନ୍ଧାରି ଶାସନ ବିରୋଧରେ ପ୍ରତିବାଦ କଲେ ତାଙ୍କୁ ଜେଲ, ଜୋରିମାନା ଆଦି ଦଣ୍ଡ ଭୋଗିବାକୁ ପଡୁଥିଲା କିମ୍ବା ରାଜ୍ୟରୁ ବିତାଡ଼ିତ କରି ଦିଆଯାଉଥିଲା। ତେବେ ପ୍ରଜାମାନଙ୍କ ଅସନ୍ତୋଷ ସମୟେ ସମୟେ ଅତ୍ୟାଚାରୀ ଶାସକମାନଙ୍କ ବିରୋଧରେ ବିଦ୍ରୋହର ରୂପ ନେଉଥିଲା। ଲୋକେ ଗାଉଥିଲେ 'ମାର୍ ତୁ ଯେତେ ଗୁଳି, ହୁଂକାପିଟା ଶାସନ ଆମେ ଗୋଡ଼ରେ ଦେବୁ ଦଳ/ରଖ୍ ତୋ ଲାଠି କାଠର ଲାଠି ଲୁହାର ଆମ ଛାତି/ମରଣ ଆମ ମଇତ୍ର ଜାଣ କଷଣ ଆମ ସାଥି'। କେବଳ କଥାରେ ନୁହେଁ, କାମରେ କରି ଦେଖେଇଥିଲେ। ସେତେବେଳେ ଦୁଇ ଜଣ ତରୁଣ ରଘୁ-ଦିବାକର ଦେଶ ପାଇଁ ମରଣକୁ ମଇତ୍ର କରି ଦେଇଥିଲେ। ସେମାନଙ୍କର ଏକମାତ୍ର ଅପରାଧ ଥିଲା ଦେଶ ଓ ଜାତିକୁ ଭଲ ପାଇବା, ଗଡ଼ଜାତ ରାଜଶାସନର ଅନ୍ୟାୟ, ଅନୀତି, ଶୋଷଣ, କଷଣ, ଜୁଲମ ବିରୋଧରେ ପ୍ରତିବାଦର ସ୍ୱର ଉତୋଳନ କରି ଆନ୍ଦୋଳନ କରିବା।




ପରାଧୀନ ଭାରତ ବର୍ଷରେ ଏକ ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖୁଥିବା ଏଇ ଦୁଇ ବଂଧୁ ଜନ୍ମିଥିଲେ ରଣପୁର ଅଂଚଳରେ; ରଘୁନାଥ ମହାନ୍ତି ବାଦଭୂଇଁ ଗ୍ରାମରେ ଓ ଗଡ଼ବାଣୀକିଲୋ ଗ୍ରାମରେ ଦିବାକର ପରିଡ଼ା।

ଓଡ଼ିଶାର ବିଭିନ୍ନ ଗଡ଼ଜାତଗୁଡ଼ିକରେ ପ୍ରଜାମଣ୍ଡଳ ଗଠିତ ହେଇଥିଲା ୧୯୩୮ ମସିହାରେ। ରଣପୁର ଗଡଜାତରେ ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା(ରଘୁ-ଦିବାକର)ଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା। ରଘୁ-ଦିବାକର ଗାଁକୁ ଗାଁ ବୁଲିବୁଲି ଅତ୍ୟାଚାରୀ ରାଜା ତଥା ବ୍ରିଟିଶ୍ ଶାସନ ବିରୋଧରେ ଲୋକମାନଙ୍କୁ ଏକତ୍ରିତ କରୁଥିଲେ। ଏହି ଆନ୍ଦୋଳନରେ ଘଟନା କ୍ରମେ ପଲିଟିକାଲ୍ ଏଜେଂଟ୍ ମେଜର ବେଜେଲ୍‌ଗେଟ୍ ପ୍ରଜାଙ୍କ ଠେଙ୍ଗା ମାଡରେ ମୃତ୍ୟୁବରଣ କଲେ। ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ମେଜର ଭଳି ବ୍ରିଟିଶ୍ ସେନାବାହିନୀର କୌଣସି ଉଚ୍ଚପଦସ୍ଥ ଅଫିସର ପ୍ରଜାଙ୍କ ଦ୍ୱାରା ନିହତ ହୋଇ ନ ଥିଲେ। ଏହି ହତ୍ୟାକାଣ୍ଡ ଯୋଗୁଁ ପ୍ରବଳ ପ୍ରତାପୀ ବ୍ରିଟିଶ୍ ସରକାର ପ୍ରତିଶୋଧ ନେବାର ଆଶଙ୍କା ଥିବାରୁ ସମଗ୍ର ରଣପୁର ରାଜ୍ୟର ଆବାଳ ବୃଦ୍ଧ ବନିତା ନିଜ ନିଜର ଘରଦ୍ୱାର ଛାଡି ନିକଟସ୍ଥ ଖୋର୍ଦ୍ଧା ଖାସ୍‌ମାହାଲ୍ ଅଂଚଳରେ ଆଶ୍ରୟ ନେଇଥିଲେ। ଏହି ହତ୍ୟାକାଣ୍ଡ ଯୋଗୁଁ ବିପ୍ଳବର କର୍ଣ୍ଣଧାର ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଫାଶୀ ଦଣ୍ଡ ଦିଆଯାଇଥିଲା ବିହାରର ଭାଗଲପୁର ଜେଲରେ ୧୯୪୧ ମସିହା ଅପ୍ରେଲ ୪ ତାରିଖରେ। ଆଜି ସେମାନଙ୍କର ବଳିଦାନର ୭୫ ତମ ବର୍ଷ ପାଳନ ହେଉଛି।




ତତ୍କାଳୀନ ବ୍ରିଟିଶ୍ ଶାସନ ଓ ରାଜଶାସନରେ ପ୍ରଜାମାନଙ୍କ ଅଧିକାର ବହୁ ପରିମାଣରେ ସଂକୁଚିତ ହୋଇଯାଇଥିଲା। ରାଜ୍ୟରେ ଥିବା ଗଛ ଓ ମାଛ ଉପରେ ପ୍ରଜାମାନଙ୍କର କୌଣସି ଅଧିକାର ନଥିଲା। ରାଜ୍ୟରେ ସଡ଼କ ନିର୍ମାଣ ହେଲେ, ରାଜା ଜଙ୍ଗଲକୁ ପାରିଧିରେ ଗଲେ ଲୋକମାନେ ବେଠିରେ ଯାଆନ୍ତି ଅର୍ଥାତ ମାଗଣାରେ କାମ କରନ୍ତି। ରଥଯାତ୍ରା, ରାସ ଯାତ୍ରା ଓ ବିଭିନ୍ନ ପର୍ବପର୍ବାଣିରେ ମଧ ବେଠି ହୁଏ। ମାଗଣାରେ କାମ କରିବାକୁ ବେଠି କୁହାଯାଏ। ଦଶହରା ଓ ସୁନିଆଁରେ ପ୍ରଜାମାନେ ବିଭିନ୍ନ ଦ୍ରବ୍ୟମାନ ଭେଟି ଆକାରରେ ରାଜାଙ୍କୁ ଦେଇଥାନ୍ତି। ପ୍ରତ୍ୟେକ ବର୍ଗର ଲୋକମାନେ କୌଳିକ ବୃତି ଅନୁଯାୟୀ ଭେଟି ଦେଇଥାନ୍ତି। ରାଜାଙ୍କର ବିବାହ ବ୍ରତ କାର୍ଯ୍ୟରେ ମାଗଣ ଓ ରସଦ ଆଦାୟ କରାଯାଏ। ପୋଲିସ ଓ ରାଜ କର୍ମଚାରୀମାନଙ୍କର ଅନ୍ୟାୟ ଜୁଲୁମ ବରଦାସ୍ତ କରିବାକୁ ଲୋକମାନେ ବାଧ ହୋଇଥାନ୍ତି। ଏପରିକି ଲୋକମାନେ ଯାଉଁଳି କବାଟ ଓ ଘୋଷରା ପାହାଚ ବ୍ୟବହାର କରିବା ନିଷିଦ୍ଧ ଥିଲା। ସେଥିପାଇଁ କୁହାଯାଉଥିଲା, "ଗଡ଼ଜାତେ ଯେବେ କରିବୁ ଘର, ଦାଣ୍ଡ ଘର ଖଣ୍ଡି ଅଛୁଆ କର।" ଖବରକାଗଜ, ପତ୍ରପତ୍ରିକା ମଗାଇବା କିଂବା ପଢ଼ିବା ବେଆଇନ୍ ଓ ଅପରାଧ ଥିଲା। ଅଥଚ ମାଘ ମାସରେ ରାଜାଙ୍କ ଇଷ୍ଟଦେବୀ ମଣିନାଗ ଦୁର୍ଗାଙ୍କ ନିକଟରେ ନରବଳି ଦେବା ଆଇନ୍‌ସିଦ୍ଧ ଥିଲା। ରଣପୁର ରାଜ୍ୟରେ ଏଭଳି କୁଶାସନ ଚାଲିଥିବାବେଳେ ରଘୁନାଥ ମହାନ୍ତି ତାଂକ ରଚିତ ଶର୍ବରୀବାଳା ପୁସ୍ତକର ମୁଖବନ୍ଧରେ ରାଜାଙ୍କୁ ସମାଲୋଚନା କରିଥିବା ଅଭିଯୋଗ ନେଇ ତାଙ୍କୁ ରଣପୁର ରାଜ୍ୟରୁ ବିତାଡ଼ିତ କରାଯାଇଥିଲା। ସେ ପୁରୀ ଓ କଟକ ଆଦି ସ୍ଥାନରେ ରହି ପ୍ରଜାମାନଙ୍କ ଆନ୍ଦୋଳନାତ୍ମକ ଖବର ସମ୍ବାଦ ପତ୍ରରେ ପ୍ରକାଶ କରାଉଥିଲେ। ରଣପୁର ନରେନ୍ଦ୍ର ପ୍ରେସରେ ସହକାରୀ ପରିଚାଳକ ଥିବା ଦିବାକର ପରିଡ଼ା ଏକ ସଡ଼କ ବେଠିର ଦୃଶ୍ୟ ଦେଖି ଚାକିରୀ ପରିତ୍ୟାଗ କରି ଆନ୍ଦୋଳନରେ ମାତିଲେ। ରାତିରେ ଗାଁ ଗାଁ ବୁଲି ଲୋକମାନଙ୍କୁ ମତାଇଲେ। ତିନି ଖଣ୍ଡ ପୁସ୍ତକ ଲେଖିଥିବା ଦିବାକରଙ୍କର 'ବିଦ୍ରୋହ' କବିତାର ସ୍ୱର ବେଶ୍ ତୀବ୍ରଥିଲା। ସେ ଲେଖିଥିଲେ: "ରଣପୁର ଭାଇ ଜାଗିଉଠ ଆଜି ଶୋଷଣ କଷଣ ବନ୍ଦୀଶାଳେ..ଭାଙ୍ଗି ଦିଅରେ ବଣ ଜଙ୍ଗଲର ଗଡ଼ଜାତି ରାଜ ବାହୁବଳେ।..ଅନ୍ଧାରି ଆଇନ ପୋଲିସ ଜୁଲୁମ ଦୁଃଖୀ ଜନତାର ନିର୍ଯ୍ୟାତନା ରଣପୁରେ ଦିଅ ରଣ ହୁଙ୍କାର ମଇନାକେ ଉଡୁ ମୁକ୍ତିବାନା"। ଦିବାକରଙ୍କ ସମସ୍ତ କବିତା ଅତ୍ୟନ୍ତ ପ୍ରାଣସ୍ପର୍ଶୀ ଥିଲା।

ନିର୍ଜନ ରାତିରେ ଗାଁ ଗାଁ ବୁଲି ପ୍ରଜାମାନଙ୍କ ଚିନ୍ତା ଓ ଚେତନାକୁ ଜାଗ୍ରତ କରାଇ ରଘୁ-ଦିବାକର ବିପ୍ଳବର ଯେଉଁ ମଞ୍ଜି ବୁଣିଥିଲେ ତା'ର ଫଳସ୍ୱରୂପ ରାଜାଙ୍କୁ ପ୍ରଜାମଣ୍ଡଳ ଦମନ ନିମନ୍ତେ ବୌଦ୍ଧ ଓ ସିକନ୍ଦରାବାଦରୁ ପୁଲିସ୍ ଫୋର୍ସ ମଗାଇବାକୁ ପଡ଼ିଥିଲା। ଏପରିକି ୨୬ଟି ଗଡ଼ଜାତର ମୁଖ୍ୟ ପଲିଟିକାଲ ଏଜେଂଟ୍ ମେଜର ଆର.ଏଲ୍. ବେଜଲଗେଟ୍‌ଙ୍କୁ ୧୯୩୮ ମସିହା ଜାନୁଆରୀ ମାସ ୫ ତାରିଖ ଦିନ ରଣପୁର ଗଡ଼ ଆସିବାକୁ ପଡ଼ିଲା। ସେହିଦିନ ପ୍ରଜାମଣ୍ଡଳର ସଂପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସଂପାଦକ ଦିବାକର ପରିଡ଼ା ରାଜବାଟୀ ସାମନାରେ ଉପସ୍ଥିତ ଜନତାଙ୍କ ମେଳରେ ଦେଓ୍ୱାନ ଚଣ୍ଡେଶ୍ୱର ମିଶ୍ରଙ୍କ ସହ ୨୬.୧୧.୧୯୩୮ ତାରିଖରେ ରାଜଦରବାରରେ ଘୋଷିତ ଦାବି ସମ୍ବନ୍ଧୀୟ ଘୋଷଣାପତ୍ରର ଆଲୋଚନାରେ ବ୍ୟାପୃତ ଥିଲେ। ମେଜର ବେଜଲଗେଟ୍ ସେଠାରେ ଉପସ୍ଥିତ ହେବାରୁ ଦେଓ୍ୱାନ ଇଂରାଜୀରେ ଅନୁବାଦ କରି ତାହା ବୁଝାଉଥିଲେ। ଏହି ସମୟରେ ଦେଖାଦେଲା ଏକ ଆଲୋଡ଼ନ। କିଛି ଉତ୍ୟକ୍ତ ଲୋକ ମଣିଷଟଣା ଶଗଡ଼ଗାଡ଼ିରେ ଲୋକଙ୍କୁ ଡକାଇ ଚିତ୍କାର କରୁଥିଲେ "ପଲିଟିନା ସାହେବ ଆମ ଭାଇକୁ ମାରିଦେଲା"। ଫଳରେ ଘଟଣାର କାରଣ କ'ଣ ଜାଣିବା ପାଇଁ ବେଜେଲଗେଟ୍ ଜନଗହଳି ଆଡ଼କୁ ମାଡ଼ି ଚାଲିଲେ। ସେଠାରେ ଠେଲାପେଲା ହୋହାଲ୍ଲା ମଧ୍ୟରେ ନିଜକୁ ନିୟନ୍ତ୍ରଣ କରିନପାରି ସାହେବ ପିସ୍ତଲ କାଢ଼ିଲେ ଓ ତା'ଙ୍କ ଗୁଳିରେ ଶିକାର ହେଲେ ଯୁବକ ଅର୍ଜୁନ ରାଉତ। ଏହା ପରେ ଉତ୍ୟକ୍ତ ଜନତା ମେଜର ବେଜଲଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କଲେ। ଏହି ହତ୍ୟାକାଣ୍ଡ ଯୋଗୁଁ କେବଳ ଭାରତ ନୁହେଁ ବ୍ରିଟିଶ ପାର୍ଲାମେଂଟ୍ ମଧ ଥରହର ହୋଇଥିଲା। ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ପଲିଟିକାଲ ଏଜେଂଟ୍ ଭଳି ବ୍ରିଟିଶ ସରକାରଙ୍କ କୌଣସି ଉଚ୍ଚପଦସ୍ଥ ଅଫିସର ନିହତ ହୋଇନଥିଲେ। ବ୍ରିଟିଶ ପାର୍ଲାମେଂଟ୍‌ରେ ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ, ପିସ୍ତଲ ଠାରୁ କ'ଣ ଠେଙ୍ଗା ଶକ୍ତିଶାଳୀ? ଏଣୁ ଠେଙ୍ଗାର ଶକ୍ତି ପରୀକ୍ଷା କରିବାକୁ ରଣପୁର ଜଙ୍ଗଲରୁ ପାଂଚଶହ ବାଉଁଶ ଠେଙ୍ଗା ଲଣ୍ଡନ ଯାଇଥିଲା। ଠେଙ୍ଗା ପରୀକ୍ଷା କରାଯିବା ପରେ ବିରୋଧିଦଳର ଜଣେ ସଦସ୍ୟ ଘୋଷଣା କରିଥିଲେ, ବେଜଲଗେଟ୍ ଲୋକଙ୍କ ରୁଦ୍ଧ ଅସନ୍ତୋଷର ଶିକାର ହେଲେ। ବେଜଲଗେଟ୍ ହତ୍ୟାକାଣ୍ଡ ପରେ ରଣପୁରରେ ଚାଲିଲା ଅକଥନୀୟ ଅତ୍ୟାଚାର ଓ ଦମନଲୀଳା। ସାରା ରାଜ୍ୟର ଲୋକ ଘରଦ୍ୱାର ଛାଡ଼ି ନିକଟସ୍ଥ ଖାସମାହାଲ ଓ ନୟାଗଡ଼ ଖଣ୍ଡପଡ଼ା ରାଜ୍ୟରେ ଆଶ୍ରୟ ନେଇଥିଲେ। ହତ୍ୟାକାଣ୍ଡ ଜାନୁଆରୀ ୫ ତାରିଖ ଦିନ ହୋଇଥିଲେ ହେଁ ତା'ପର ମାସ ଫେବୃଆରୀ ୯ ତାରିଖରେ ଏତଲା ଦିଆଯାଇଥିଲା। ରଘୁ ଦିବାକରଙ୍କ ନାମରେ ମିଥ୍ୟା ସାକ୍ଷୀ ଯୋଗାଡ଼ କରାଯାଇ ମକଦ୍ଦମା ଚାଲିଲା। ବିହାର ଗୟା ଜିଲାର ଗୋରା ଦୌରାଜଜ ଜେ.ଜେ. ସିଅରରଙ୍କ କୋର୍ଟରେ ବିଚାରର ପ୍ରହସନ ଚାଲିଲା। ଶେଷରେ ରଘୁ-ଦିବାକରଙ୍କୁ ଫାଶୀ ଦଣ୍ଡାଦେଶ ହେଲା। ସେମାନେ ଆମର ନମସ୍ୟ। ସେମାନେ ରାଜତନ୍ତ୍ର ଲୋପ କରି ଏକ ଶୋଷଣ ବିହୀନ ମାନବ ସମାଜ ପ୍ରତିଷ୍ଠା କରିବାକୁ ଚାହୁଁଥିଲେ। ସତରେ ଏହା ହେଇଛି ତ?

**ସତ୍ୟବାଦୀ ବଳିଆରସିଂହ,**
**ଉପଦେଷ୍ଟା, ଶହୀଦ ରଘୁ ଦିବାକର ସ୍ମୃତି କମିଟି, ଗଡ଼ବାଣୀକିଲୋ,**
**ରାଜରଣପୁର-୭୫୨୦୨୬, ଶୂନ୍ୟଭାଷ: ୯୨୩୭୦୮୯୫୦୯**

# 'ଆହ୍ୱାନ' ନାଟ୍ୟସଂସ୍ଥା ପକ୍ଷରୁ ବିଶ୍ୱନାଟ୍ୟ ଦିବସ ଓ ବାର୍ଷିକୋତ୍ସବ ପାଳନ

ଯାଜପୁର (ପିଏନ୍): ଆହ୍ୱାନ ନାଟ୍ୟସଂସ୍ଥା ପକ୍ଷରୁ ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ବିଶ୍ୱନାଟ୍ୟ ଦିବସ ଓ ନବମ ବାର୍ଷିକୋତ୍ସବ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ଯାଜପୁର ଶ୍ରୀରାମ ମନ୍ଦିର ଠାରୁ କଳାକାର ମାନଙ୍କର ଏକ ରାଲି ବାହାରି ସଂସ୍କୃତି ଭବନ ପରିସରରେ ପହଞ୍ଚିଥିଲା। ସଂଗଠନର ସମ୍ପାଦକ ପାଣ୍ଡବ ଚରଣ ସାହୁଙ୍କ ଅଧକ୍ଷତାରେ ପୂର୍ବାହ୍ନରେ 'ନାଟକ କ୍ଷେତ୍ରରେ ଯୁବ ପିଢ଼ିଙ୍କ ଭୂମିକା' ସଂପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଡା. ରାଜକିଶୋର ପଣ୍ଡା ଯୋଗଦେଇ ଯୁବକ ଓ ଛାତ୍ରମାନେ କିଭଳି ନାଟକ ସହିତ ଜଡିତ ହେବେ, ସେ ସମ୍ବନ୍ଧରେ ଉପାଦେୟ ପରାମର୍ଶ ଦେଇଥିଲେ। ସଂପାଦକ ବିଶ୍ୱଜିତ ସାହୁଙ୍କ ସଂପାଦନାରେ ସମାଜସେବୀ ହୃଷିକେଶ ପତି, ନାଟ୍ୟ ନିର୍ଦ୍ଦେଶକ ପ୍ରବୀର କୁମାର ଜେନା, କାର୍ଯ୍ୟକାରୀ ଉପସଭାପତି ବିଷ୍ଣୁ ଚରଣ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଦର୍ଶକ ତଥା ଯୁବକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାଟକ ସଂପର୍କରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥିଭାବେ ଯୋଗଦେଇ ମା' ବିରଜାଙ୍କ ଫଟୋରେ ମାଲ୍ୟାର୍ପଣ ପୂର୍ବକ ଉତ୍ସବର ଉଦ୍‌ଘାଟନ କରିବା ସହିତ ଯାଜପୁରରେ ଏକ ଆର୍ଟ ଏଣ୍ଡ କଲଚର ହବ୍ ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି ବୋଲି ପ୍ରକାଶ କରିଥିଲେ। ଉପସଭାପତି ପାଣ୍ଡବ ଚରଣ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ସମାଜସେବୀ ହୃଷିକେଶ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଡଭୋକେଟ୍ ବିଷ୍ଣୁ ଚରଣ ଦଳାଇ ସଭାପତିତ୍ୱ କରିଥିଲେ ଏବଂ ସଂପାଦକ ବିଶ୍ୱଜିତ୍ ସାହୁ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି ଯୋଗଦେଇ ନାଟକ ଜୀବନ ଓ ଜଗତର କର୍ଣ୍ଣଧାର ଟଙ୍କଧର ଓ ନୀତି ନିର୍ଦ୍ଧାରଣ କରିଥାଏ ବୋଲି ପୃଥିବୀର ଅନେକ ପ୍ରସିଦ୍ଧ ନାଟ୍ୟକାରଙ୍କ ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁରର ପୂର୍ବତନ ପୌରାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦ, ସମାଜସେବୀ ନିରାକାର ସାହୁ, ନାଟ୍ୟକାର ପ୍ରବୀର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ 'ଆହ୍ୱାନ'ର ଦିବଂଗତ କଳାକାରଙ୍କ ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଜାତିରପିତା ମହାତ୍ମାଗାନ୍ଧୀଙ୍କର ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ନାଟ୍ୟକାର ବିଶ୍ୱଜିତ୍ ସାହୁଙ୍କ ଲିଖିତ ନିର୍ଦ୍ଦେଶିତ 'ଯଦି ଏମିତି ବି ହୁଏ ' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ଅତିଶ କୁମାର ମହାନ୍ତି, ଶୁଭ୍ରଜିତ୍ ସାହୁ, ଶ୍ରୀକାନ୍ତ ଜେନା, ପାଣ୍ଡବ ଚରଣ ସାହୁ, ପ୍ରଦୀପ ରାଉତ, ଅକ୍ଷୟ ପୃଷ୍ଟି, ରବୀନ୍ଦ୍ର ରାଉତ, ରତିକାନ୍ତ ମଲ୍ଲିକ, ଶ୍ରୀକାନ୍ତ ଜେନା (ସୁନନ୍ଦ), ପ୍ରିୟଙ୍କା ପ୍ରିୟଦର୍ଶିନୀ, ଦିଲ୍ଲୀପ ଜେନା, ଭାସ୍କର ଜେନା, ମନୋଜ ସାହୁ, ସନ୍ତୋଷ ପଣ୍ଡା, ଜୟଦେବ ରାଉତ, ଦିବାକର ଜେନା, ନରେଶ ସାହୁ, ପଞ୍ଚାନନ ବେହେରା, କବିତା ମିଶ୍ର, ଅନୁସୂୟା ମହାପାତ୍ର, ତିଳୋତ୍ତମା ଜେନା, ରୀତା ରାଉତ, ସସ୍ମିତା, ଜ୍ୟୋତ୍ସ୍ନା ମହାପାତ୍ର, ରୀନାରାଣୀ ବାରିକ, ଶଶୀ ସାମଲ, ସତ୍ୟଜିତ୍ ସାହୁ, ରାଜେନ୍ଦ୍ର ସାହୁ, ସୌମ୍ୟଜିତ୍ ସାହୁ, ନମିତା ମିଶ୍ର, ସୌମ୍ୟ ପ୍ରିୟଦର୍ଶିନୀ, ଅନନ୍ୟା ବାରିକ, ଅରୋପ୍ରିୟା ମହାନ୍ତି, ପ୍ରିୟଙ୍କା, ପ୍ରଜ୍ଞା ରାଉତ, ସୌମ୍ୟସ୍ମିତା ମିଶ୍ର, ଅର୍ପିତା ଧଳ, ନମ୍ରତା ମହାପାତ୍ର, ଖୁସି, ନଟବର ଜେନା, ମଧୁସ୍ମିତା ବାରିକ, ରିତେଶ ମହାପାତ୍ର, ପ୍ରମୁଖ ଅଭିନୟ କରିଥିଲେ। ଶବ୍ଦ ଓ ଆଲୋକ ସଜ୍ଜାରେ ଶଙ୍କର ଚିତ୍ରାଳୟ, ରୂପ ସଜ୍ଜାରେ ସୁବାଷ ଦାସ ଓ ଉପଦେଷ୍ଟା ଡା. ସୁପ୍ରକାଶ ଶତପଥି ଏବଂ ନବକିଶୋର ଦାସ, ସୁବାସ ମହାପାତ୍ର, ମଧୁସୂଦନ ଜେନା, ରବୀନ୍ଦ୍ର ମହାରଣା ପ୍ରମୁଖ ନାଟକରେ ସହଯୋଗ ଓ ସମୀକ୍ଷା କରିଥିଲେ। ସର୍ବଶେଷରେ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅତ୍ମହତ୍ୟା ନୁହେଁ ହତ୍ୟା, ଏସପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲା ପରିବାର



ଫୁଲବାଣୀ: କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ରଣଗାଁର ଏକ କୂଅ ଭିତରୁ ମହିଳା ମାନଙ୍କ ବ୍ୟବହାର କରାଯାଉଥିବା ଚୂନିରେ ବେକ ବନ୍ଧାହୋଇ ଝୁଲନ୍ତା ଶବଉଦ୍ଧାର ଘଟଣା ଏବଂ ଭିନ୍ନ ମୋଡ ନେଇଛି । ଝୁଲନ୍ତା ଶବକୁ ଉଦ୍ଧାର ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି କାର୍ଯ୍ୟ ଶେଷ କରି ଦେଇଥିଲା । ତେବେ ମୃତ ଯୁବକଙ୍କ ପରିବାର ଲୋକେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦେଇଥିବାବେଳେ ସେହି ବାବଦରେ ପୋଲିସ୍ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଏବଂ ଏହି ଘଟଣାରେ କାହାକୁ ଗିରଫ କରିନଥିବା ପ୍ରତିବାଦରେ ମୃତ ଯୁବକଙ୍କ ପରିବାର ଲୋକମାନେ କନ୍ଧମାଳ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଏହି ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବୀରେ ଧାରଣା ଦେଇଛନ୍ତି । ସୂଚନା ଯୋଗ୍ୟ ଗତ ଜୁନ୍ ୨୦ ତାରିଖରେ ଚକାପାଦ ପଂଚାୟତ ଅନ୍ତର୍ଗତ ରଣଗାଁ ଗ୍ରାମର ବିରଂଚି ସାହୁଙ୍କ ପୁଅ ନିରନ ସାହୁ(୨୨)ଙ୍କ ଝୁଲନ୍ତା ଶବ କୂଅ ମଝିରେ ଥିବା ଏକ ଦଣ୍ଡାରେ ଗ୍ରାମବାସୀ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ । ଚକାପାଦ ଥାନା ଅଧିକାରୀ ଅମ୍ବିକା ପଟ୍ଟନାୟକ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ଆଉ ଅଧିକତଦନ୍ତ କରିନଥିଲେ ବୋଲି ପରିବାର ଲୋକେ କହିଛନ୍ତି । ମୃତକଙ୍କ ପରିବାର ଲୋକେ ଜୁନ ୨୮ ତାରିଖରେ ତାଙ୍କ ପୁଅ ନିରନ ଆତ୍ମହତ୍ୟା କରି ନୁହେଁ ବରଂ ଏହା ଏକ ହତ୍ୟାକାଣ୍ଡ ବୋଲି ଚକାପାଦ ଥାନାରେ ଅଭିଯୋଗ କରିଥିଲେ । ପ୍ରେମ ସମ୍ପର୍କ ଯୋଗୁଁ ଘଟିଥିବା ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ନିରନର ପ୍ରେମିକା ଜନୈକ ଯୁବତୀଙ୍କ ବାପାଙ୍କ ସମେତ ତାଙ୍କର ଭାଇମାନେ ମିଳିମିଶି ତାଙ୍କ ପୁଅକୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ ହେଁ ଏ ଯାବତ ପୋଲିସ ଏହି ସଂକ୍ରାନ୍ତରେ କୌଣସି ତଦନ୍ତ କରିନାହିଁ କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ବୋଲି ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ପ୍ରତି ପକ୍ଷଙ୍କ ଦ୍ୱାରା କୌଣସି କରଣରୁ ପ୍ରଭାବିତ ହୋଇ ପୋଲିସ ଏହି ଘଟଣାକୁ ଏକ ଆତ୍ମହତ୍ୟା ଘଟଣା ବୋଲି କହିବା ସହିତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ବରଂ ଏହି ଘଟଣାକୁ ରଫାଦଫା କରିବାକୁ ଚକାପାଦ ଥାନା ପୋଲିସ ଜୋରଦାର ପ୍ରଚେଷ୍ଟା ଚଳାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ଚକାପାଦ ଥାନା ପୋଲିସର ଏତାଦୃଶ କାର୍ଯ୍ୟକଳାପ ଯୋଗୁଁ ଗତ ଜୁନ୍ ୨୮ତାରିଖରେ ମୃତକଙ୍କ ପିତା କନ୍ଧମାଳ ଏସ୍.ପି ଭିନିତ ଅଗ୍ରୱାଲଙ୍କୁ ଡାକ ଯୋଗେ ହତ୍ୟା ସମ୍ପର୍କିତ ଏତେଲା ଏବଂ ଜୁନ ୩୦ ତାରିଖରେ କାର୍ଯ୍ୟାଳୟକୁ ଆସି ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏ ସମ୍ପର୍କରେ ପ୍ରତ୍ୟେକ୍ଷ ଭାବରେ ତଦନ୍ତ ପାଇଁ ବିରଂଚି ସାହୁ ନିବେଦନ କରିଥିଲେ । ତେବେ ଏହା ସତ୍ତ୍ୱେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବା ମୃତକଙ୍କ ପରିବାର ସମେତ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ତେଣୁ ସେମାନେ ଚକାପାଦ ଥାନା ଅଧିକୋରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ଏବଂ ଏସ.ଆଇ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଚକାପାଦ ଥାନାରୁ ଅନ୍ୟତ୍ର ବଦଳି କରା ଯିବାକୁ ମଧ୍ୟ ଦାବୀ କରାଯାଇଛି । ତେବେ ଆଜି ମୃତକଙ୍କ ପରିବାର ପକ୍ଷରୁ ଧାରଣା ଦିଆଯିବା ଯୋଗୁଁ କନ୍ଧମାଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଏହି ମାମଲାର ତଦନ୍ତ ଭାର ଦେଇଛନ୍ତି ସେ ଏହାର ତଦନ୍ତ କରିବେ ବୋଲି କନ୍ଧମାଳ ଏସପି ପ୍ରତିଶୃତି ଦେବାପରେ ମୃତକଙ୍କ ପରିବାର ଲୋକେ ଧାରଣାରୁ ଉଠିଥିଲେ ।

## ଗିରଫ ଆତଙ୍କବାଦୀଙ୍କ ସବିଶେଷ ବିବରଣୀ ମାଗିଲା ଏନଆଇଏ

କଲିକତା: ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ) ପଶ୍ଚିମବଙ୍ଗର ରାଜଧାନୀ କଲିକତାରେ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ) ଦ୍ୱାରା ଗିରଫ ହୋଇଥିବା ତିନିଜଣ ଜମାତ-ଉଲ-ମୁଜାହିଦ୍ଦିନ ବାଂଲାଦେଶ (ଜେଏମବି) ଆତଙ୍କବାଦୀଙ୍କ ବିଷୟରେ ସବିଶେଷ ବିବରଣୀ ମାଗିଛି। ଉଙ୍ଗଳବାର ଦିନ ଏସଟିଏଫ ଡେପୁଟି କମିଶନର ଆଇପିଏସ ବି୍ସାଲେମନ ନିଶାକୁମାର କହିଛନ୍ତି ଯେ, ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ, କେଉଁଠାରେ ନେଟୱାର୍କ ସୃଷ୍ଟି ହୋଇଛି, ସ୍ଲିପର ସେଲ ବିଷୟରେ କେଉଁ ସୂଚନା ଦିଆଯାଇଛି, ଏ ନେଇ ଏନଆଇଏ ସୂଚନା ମାଗିଛି । ସେ କହିଛନ୍ତି ଯେ, ଗିରଫ ହୋଇଥିବା ତିନି ଆତଙ୍କବାଦୀଙ୍କ ବିଷୟରେ ପୋଲିସ ଏନଆଇଏ ସହ ସେୟାର କରିଛି ।ସୂଚନାଯୋଗ୍ୟ ଯେ, ଶନିବାର ଏବଂ ରବିବାରର ମଧ୍ୟବର୍ତ୍ତୀ ରାତିରେ କଲିକତାର ହରିଦେବପୁର ଅଂଚଳରୁ ତିନି ଆଙ୍କାଦୀ ନାଜିୟର ରହେମାନ ଛଦ୍ମନାମ ଜୋସେଫ, ମାଇକେଲ ଖାନ ଛଦ୍ମନାମ ଶେଖ ସାବିର ଏବଂ ରାବିଲ ଇସଲାମଙ୍କୁ ଗିରଫ କରାଯାଇଥିଲା । ପଚରା ଉଚୁରା ବେଳେ ଏହି ଆତଙ୍କବାଦୀମାନେ କଲିକତାରେ ଜେଏମବିର ସ୍ଲିପର ସେଲ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦେଇ ସାରିଛନ୍ତି ।
ସେ ଏହାକୁ ହରିଦେବପୁରର ବାସିନ୍ଦା ସଲିମ ମୁନ୍ ସି ନାମରେ ନାମିତ କରିଥିଲେ । ପୋଲିସର ସୂଚନା ଅନୁସାରେ ଏହି ତିନି ଆତଙ୍କବାଦୀ ତାଙ୍କ ଘରେ ଆଶ୍ରୟ ନେଇଥିଲେ ।

# ବଜ୍ରପାତ ନେଲା ୩ ନାବାଳକ ସହ ୭ରୁ ଅଧିକ ଛେଳିର ଜୀବନ

ବାରିପଦା: ବଜ୍ରପାତରେ ଚାଲିଗଲା ୩ ନିରୀହ ଜୀବନ । ଏଭଳି ଏକ ଦୁଃଖଦାୟକ ଓ ଅଭାବନୀୟ ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅନ୍ତର୍ଗତ ବାଘୁଆଶୋଳ ଗାଁରେ ।ସୂଚନା ମୁତାବକ ଆଜି ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ ପାଖାପାଖି ବାଘୁଆଶୋଳ ଗାଁର ଗୋଟିଏ ସାହିର ୨ ଜଣ ନାବାଳକ ଏବଂ ଜଣେ ନାବାଳିକା ଗାଁ ପାଖ ଏକ ପଡ଼ିଆରେ ଛେଳି ଚରାଇବାକୁ ଯାଇଥିବା ବେଳେ ଜୋରରେ ବର୍ଷା ଓ ଘଡଘଡି ହୋଇଥିଲା । ଫଳରେ ନିଜ ଜୀବନ ବଂଚାଇବା ପାଇଁ ତିନିଜଣ ଗ୍ରାମଠାରୁ ପ୍ରାୟ ୫୦ ମିଟର ଦୂରରେ ପଡିଆ ପାଖରେ ଥିବା ଏକ ଗଛ ମୂଳରେ ଛେଳି ସହ ଆଶ୍ରୟ ନେଇଥିଲେ । ହେଲେ ମୃତ୍ୟୁ ଯେମିତି ସେମାନଙ୍କ ପଛେ ପଛେ ଗୋଡ଼ାଇଥିଲା । ଗଛ ମୂଳରେ ଆଶ୍ରୟ ନେଇଥିବା ସମୟରେ ବଜ୍ରପାତ ହେବାରୁ ଘଟଣା ସ୍ଥଳରେ ତିନି ଜଣ ସଂଜ୍ଞା ହରାଇ ତଳେ ପଡିଯାଇଥିଲେ । ଖବର ପାଇ ଗ୍ରାମବାସୀମାନେ ଘଟଣା ସ୍ଥଳରେ ପହଂଚି ୧୦୮କୁ ଖବର ଦେଇଥିଲେ ଏବଂ ଆମ୍ବୁଲାନ୍ସରେ ସେମାନଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ ମେଡିକାଲ କୁ ନେଇ ଆସିଥିଲେ । ମାତ୍ର ଡାକ୍ତର ରିସିଭ ଡେଥ ଘୋଷଣା କରିଥିଲେ । ମୃତକ ମାନେ ହେଲେ ବାଘୁଆଶୋଳ ଗ୍ରାମର କାଳିଚରଣ ନାୟକଙ୍କ ୧୬ ବର୍ଷର ପୁଅ ବାବୁଲୁ ନାୟକ, ରଥ ନାୟକଙ୍କ ପୁଅ ସୁଜିତ ନାୟକ(୧୪) ଏବଂ ଜଗନ୍ନାଥ ନାୟକଙ୍କ ୧୨ ବର୍ଷ ବୟସର ନାବାଳିକା ଝିଅ ବର୍ଷା ନାୟକ । ଏମାନଙ୍କ ସହିତ ବଜ୍ରଘାତରେ ୭ରୁ ଅଧିକ ଛେଳିର ମଧ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଏଭଳି ଏକ ଦୁଃଖଦ ଘଟଣା ସମଗ୍ର ଅଂଚଳରେ ଶୋକର ଛାୟା ଖେଳାଇଦେଇଛି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ

ବାରିପଦା: ଭଞ୍ଜମାଟିର ଐତିହ୍ୟ ଓ ସଂସ୍କୃତିକୁ ବହନ କରି ବାରିପଦାରେ ପ୍ରତିଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରରେ କୋଭିଡ ନିୟମ ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଆଭାଷୀ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର କିଶୋର କୁମାର ବସା ଅଧକ୍ଷତା କରି ବର୍ତମାନର ଯୁବପୀଢିଙ୍କ ଆଶା ଓ ଆକାଂକ୍ଷା ତଥା ଜନଜାତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟକୁ କର୍ମତତ୍ପର ହେବାକୁ ଆହ୍ୱାନ କରିଥିଲେ । ବିଶ୍ୱବିଦ୍ୟାଳୟର ସାମଗ୍ରୀକ ବିକାଶ ଦିଗରେ ସମସ୍ତ କର୍ମଚାରୀଙ୍କର ଭୂମିକା ରହିଥିବା ମତପୋଷଣ କରିଥିଲେ ଶ୍ରୀ ବସା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପୂରନ୍ ଚାନ୍ଦ ଯୋଶୀ ଏବଂ ଓଡ଼ିଶା ଉଚ୍ଚ ଶିକ୍ଷା ପରିଷଦର ଉପାଧକ୍ଷ ପ୍ରଫେସର ଅଶୋକ ଅଶୋକ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଫେସର ଦାସ ବିଶ୍ୱବିଦ୍ୟାଳୟରେ କେବଳ ଭିତିଭୂମି ସୁଦୃଢ଼ କଲେ ହେବ ନାହିଁ ବରଂ ମୟୂରଭଞ୍ଜର ସାଂସ୍କୃତିକ ପଟ୍ଟଭୂମି, ଶିମିଳିପାଳ ଜୈବମଣ୍ଡଳ ଏବଂ ଛାତ୍ରଛାତ୍ରୀଙ୍କର ଜୀବିକାର୍ଜ୍ଜନ ପନ୍ଥାର ମହତ୍ ଉଦ୍ଦେଶ୍ୟକୁ ପାଥେୟ କରି ବିଶ୍ୱବିଦ୍ୟାଳୟ ନିଜର ଆଭିମୂଖ୍ୟ ଓ ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିବାକୁ ହେବ ବୋଲି ଦୃଢ଼ୋକ୍ତି କରିଥିଲେ । ସେହିପରି ମୁଖ୍ୟ ଅତିଥି ଶ୍ରୀ ଯୋଶୀ ନୂତନ ଜାତୀୟ ଶିକ୍ଷାନୀତିର ଆଦର୍ଶରେ ବିଶ୍ୱବିଦ୍ୟାଳୟକୁ ଗଢିବା ନିମନ୍ତେ ବଦ୍ଧପରିକର ହେବାକୁ ପ୍ରେରଣା ଦେଇଥିଲେ । ପ୍ରତିଷ୍ଠା ଦିବସ ଅବସରରେ ମୟୂରଭଞ୍ଜ ମାଟିର ବରପୁତ୍ର ଭାବା ଆଣବିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଅଜିତ କୁମାର ମହାନ୍ତି ଏବଂ କେଉଁଝର ଜିଲ୍ଲାର ସୁଯୋଗ୍ୟ ସନ୍ତାନ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପଢୌକନ ସହ 'ଭୂମିପୁତ୍ର' ପୁରସ୍କାର ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟରୁ ଅବସର ନେଇଥିବା ବଲାଙ୍ଗୀରସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ନିଜର କର୍ତବ୍ୟନିଷ୍ଠା ପାଇଁ ତପନ ପାତ୍ର ଓ ଆରତି ଜେନାଙ୍କୁ 'ଶ୍ରେଷ୍ଠ ଅଣଶିକ୍ଷକ କର୍ମଚାରୀ' ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ପ୍ରାଣୀବିଜ୍ଞାନରେ ସ୍ନାତକୋତରରେ ପ୍ରଥମସ୍ଥାନ ପାଇଁ ସୁଶ୍ରୀ ଶୁଭସ୍ମିତା ଦାସ ଓ ସୁଶ୍ରୀ ଦିବ୍ୟଜ୍ୟୋତି ନାୟକଙ୍କୁ 'କୁମଦିନୀ ମେମୋରିଆଲ୍ ? ପୁରସ୍କାର' ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ନାତକୋତର ପରିଷଦର ପ୍ରଫେସର ଅନୀଲ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । କୁଳସଚିବ ସହଦେବ ସମାଧିଆ ବାର୍ଷିକ ବିବରଣୀ ପାଠ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ତଥ୍ୟ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ନ୍ୟୁଜ୍‌ଲେଟର ଓ ବାର୍ଷିକ ରିପୋର୍ଟ ଉନ୍ମୋଚନ କରାଯାଇଥିଲା ଶୁକଦେବ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜରେ ବିକାଶ ପାଗଳ ହୋଇଛି

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ବିଜେପି ପୂର୍ବ ଭାରତରେ ବିକାଶର ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟ କରିବାରେ ବିଶ୍ୱାସ ରଖେ ନାରା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ମାଳମାଳ ଯୋଜନା ପ୍ରଚଳନ କରି ଚାଲିଥିବା ସମୟରେ ଏହାର ସଠିକ୍ ରୂପାୟନ ସମ୍ଭବ ହୋଇପାରୁ ନାହିଁ । ଫଳରେ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହେବାରେ ଲାଗିଛି । ସ୍ୱାଧୀନତାର ୭୪ ବର୍ଷ ପରେ ମଧ ଜିଲ୍ଲାବାସୀ ମୌଳିକ ସୁବିଧାସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି । କେଉଁଠି ପିଇବା ପାଣି ସମସ୍ୟାରେ ଜନସାଧାରଣ ଡ଼ହଳବିକଳ ହେଉଛନ୍ତି ପୁଣି କେଉଁଠି ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ସେହିପରି ଗମନାଗମନ, ଜଳସେଚନ ଆଦି ବିଭିନ୍ନ ସମସ୍ୟା ମଧ ଦେଇ କେଉଁଠି ନା କେଉଁଠି ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ସମ୍ଭବ ହୋଇପାରି ନାହିଁ । ଯଦିଓ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରୁ ୯ ବିଧାନସଭା ମଧ୍ୟରୁ ୬ଟିରୁ ଅନୁସୂଚିତ ଜନଜାତି, ଗୋଟାଏ ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ସମୟରେ ଲୋକସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ତଥାପି ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ବୃହତ ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କୌଣସି କାରଣରୁ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବେଳେ ବିରୋଧୀ ସ୍ଥଳ ବିଶେଷରେ ସମସ୍ୟାକୁ କେବଳ ନିଜର ରାଜନୈତିକ ଫାଇଦାରେ ବ୍ୟବହାର କରିଆସୁଛି । ଏହାର ନଗ୍ନ ଉଦାହରଣ ପାଲଟିଛି ମୁଖ୍ୟମନ୍ତ୍ରୀ ନବୀନଙ୍କ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡିଙ୍କ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣ ଗାଁ ପଞ୍ଚାୟତ ସୋରିଷପାଳ ଗ୍ରାମ ନିକଟ ବୁଢ଼ାବଳଙ୍ଗ ନଦୀର ରେସୁଣ ଘାଟ । ଏଠାରେ ନଦୀ ପାର ହେବା ନିମନ୍ତେ ସେତୁ ଟିଏ ନିର୍ମାଣ ଦୂରର କଥା ନାହିଁ ଡଙ୍ଗାର ବ୍ୟବସ୍ଥା । ବର୍ଷ ବର୍ଷ ଧରି ନଦୀ ପାର ହେବା ନିମନ୍ତେ ଜନସାଧାରଣଙ୍କର ଏକ ମାତ୍ର ଭରସା ବାଉଁଶ ନିର୍ମିତ ଭେଳା । ଉକ୍ତ ଘାଟରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜ ଜୀବନକୁ ବାଜିରେ ଲଗାଇ ବିପଦ ଶଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବାର ଦେଖିବାକୁ ମିଳିଥାଏ । ଟ୍ରକ, ବସ ଆଦି ଚାରି ଚକିଆ ଯାନର ଟାୟାରରେ ବ୍ୟବହାର ହେଉଥିବା ୬ଟି ଟିଉବ୍ ଉପରେ ବାଉଁଶ ବିଛାଯାଇ ଭେଳା ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ଦଉଡ଼ିକୁ ନଦୀର ଦୁଇ ପାର୍ଶ୍ୱରେ ଖୁଂଟ ପୋତା ଯାଇ ସେଥିରେ ଦଉଡ଼ିର ଦୁଇ ମୁଣ୍ଡକୁ ବନ୍ଧା ଯାଇଛି । ଦଉଡ଼ିକୁ ଧରି ଭେଳାରେ ନଦୀର ଗୋଟାଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ପାରି ହୋଇଥାନ୍ତି । ସେହିପରି ଭେଳାରେ ଏକା ଥରକେ ୫ରୁ ୬ ବାଇକ ଧରି ଏ କୂଳରୁ ସେ କୂଳକୁ ଲୋକମାନେ ପାରି ହେଉଥିବାର ଦେଖିବାକୁ ମିଳିଛି । ନଦୀ ପାରି ହେବା ନିମନ୍ତେ ଆଖ ପାଖରେ କୌଣସି ପୋଲର ବ୍ୟବସ୍ଥା ନ ଥିବା କାରଣରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତୀଙ୍କ ସହ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଁଞ୍ଚାଇବା ନିମନ୍ତେ ଏହି ଭେଳା ଏକ ମାତ୍ର ବିକଳ୍ପ ପାଲଟିଯାଇଛି ବୋଲି ନଦୀ ପାରି ହେଉଥିବା ସ୍ୱାସ୍ଥ୍ୟକର୍ମୀ ସୀତା ମାର୍ଣ୍ଡି, ସୁଶୀଲ ପୃଷ୍ଟି ଓ ସ୍ଥାନୀୟ ବାସିନ୍ଦା ଭୁଜୁ ମାର୍ଣ୍ଡି ପ୍ରମୁଖଙ୍କ ସହ ଭେଳା ଚାଳକ ବେଣୁଧର ମହାକୁଡ଼ କହିଛନ୍ତି । ସେହିପରି ବିଧାୟକ ଓ ଜିଲ୍ଲା ପ୍ରଶାସନ ଚାହିଁଥିଲେ ସରକାରଙ୍କ ବିଜୁ ସେତୁ ଯୋଜନା ଉକ ପୋଲ ନିର୍ମାଣ ନିମନ୍ତେ ପ୍ରପୋଜାଲ ଦେଇ ପାରିଥାନ୍ତେ । କିନ୍ତୁ ଏଥି ନିମନ୍ତେ କାହାରି ନିକଟରେ ଆନ୍ତରିକତା ନାହିଁ । ସେହିପରି ଉକ୍ତ ରେସୁଣ ନଦୀଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଦୋମୁହାଁଣିଠାରେ ୨୦୧୫ ମସିହାରେ ବାରିପଦା ପିଏ ଆଇଟିଡ଼ିଏ ପକ୍ଷରୁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଝୁଲା ପୋଲ ନିର୍ମାଣ ନିମନ୍ତେ ବର୍ତମାନର ବାଙ୍ଗିରିପୋଷି ବିଧାୟକ ତଥା ଶ୍ରୀମାର୍ଣ୍ଡି ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ଦିନର ଗମନାଗମନ ସମସ୍ୟାକୁ ଝୁଲା ପୋଲ ସମାଧାନର ରାସ୍ତା ଫିଟାଇ ଦେବାକୁ ନେଇ ଜନସାଧାରଣ ଅଧିକ ଉତ୍ସାହିତ ହୋଇପଡ଼ିଥିବା ସମୟରେ ଝୁଲା ପୋଲଟି କୂଳ ଛୁଇଁ ନ ପାରି ସବୁ ଦିନ ନିମନ୍ତେ ନଦୀ ମଝିରେ ସେମିତି ଝୁଲି ରହିଗଲା । ଯଦି ଜନତାଙ୍କ ସ୍ୱାର୍ଥରେ ଆସି ପାରିଲା ନାହିଁ, ତେବେ ଏହି ଝୁଲା ପୋଲ ପ୍ରକଳ୍ପ ନିର୍ମାଣ କାହା ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନତା । ଏଥି ସହିତ ମନ୍ତ୍ରୀ ଶ୍ରୀମାର୍ଣ୍ଡି ୨୦୧୪ରେ ବିଜେଡ଼ିରେ ମିଶିବା ପୂର୍ବରୁ ବିଭିନ୍ନ କଥାରେ ସରକାରଙ୍କୁ ଘେରିବା ସହ ସମାଲୋଚନା କରିଆସୁଥିଲେ । ମାତ୍ର ଶାସକ ଦଳରେ ମିଶିବା ପରେ ମୟୂରଭଞ୍ଜ ଜିଲ୍ଲା ସହ ତାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ବାଙ୍ଗିରିପଷିର ସାମୂହିକ ବିକାଶ ତଥା ଉନ୍ନତି ସାଧିତ ହେବ ବୋଲି ଆଶା କରିଥିଲେ ଜନତା । ଝାମୁମୋରୁ ଦଳରୁ ଥରେ ଓ ଶାସକ ବିଜେଡ଼ି ଦଳରୁ ଦୁଇ ଦୁଇ ଥର ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମାତ୍ର ତାଙ୍କ ନିଜ ବାସସ୍ଥାନ ରହିଥିବା ଏହି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ନିମନ୍ତେ ମନ୍ତ୍ରୀ ଶ୍ରୀମାର୍ଣ୍ଡି କେତେ ଯତ୍ନବାନ ତାହା ନିଜେ ଶିଳାନ୍ୟାଶ କରିଥିବା ଦୋମୁହାଁଣି ଝୁଲା ପୋଲରୁ ବେଶ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ହାଁସଦାଃ, ପ୍ରଦୀପ ମହାକୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ମନ୍ତ୍ରୀ ଶ୍ରୀମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୯୨୯୭୯୦୦ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନ ଥିଲା । ସେହିପରି ବାରିପଦା ପିଏ ଆଇଟିଡ଼ି ବସନ୍ତ କୁମାର ସେଠୀଙ୍କ ସହ ମଧ ଯୋଗାଯୋଗ ହୋଇ ପାରି ନ ଥିଲା ।

# ସହରବାସୀ ଗୃହବନ୍ଦୀ : ବାହାର ଭକ୍ତ ଦର୍ଶନ କଲେ କିପରି ?

ପୁରୀ:ବିଶ୍ୱମହାମାରୀ କରୋନା କଟକଣା ମଧରେ ରଥଯାତ୍ରା ଅନୁଷ୍ଠିତ ହୋଇଛି । ରାଜ୍ୟ ,ଜିଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସହରବାସୀ ଙ୍କ ପାଇଁ ୧୪୪ ଧାରା ଯାରି କରାଯାଇଥିଲା । ବଡଦାଣ୍ଡ ର ଦୁଇ ପାର୍ଶ୍ୱ ରେ ଥିବା କୋଠା , ବାଲକୋନୀ ଓ ଝରକା କୌଣସି ବାସିନ୍ଦା ରଥଯାତ୍ରା ଦେଖିପାରିବେ ନାହିଁ ବୋଲି ଫତୁଆ ଯାରି ହୋଇଥିଲା । ସହରବସୀ ଏକ ପ୍ରକାର ଗୃହବନ୍ଦୀ ଓ ପୁଲିସ ଘେରାବନ୍ଧୀ ମଧ୍ୟରେ ରହିଥିଲେ । ୨ବର୍ଷ ହେଲାଣି ସହରବାସୀ ତାଙ୍କ ପ୍ରିୟ ଠାକୁରଙ୍କ ରଥଯାତ୍ରା ସିଧାସଳଖ ଦେଖିପାରୁନାହାଁନ୍ତି । ଦୁର୍ଭାଗ୍ୟ ର ବିଷୟ ଗତକାଲି ଗୁଣ୍ଡିଚା ଯାତ୍ରା ରେ ଅନେକ ବାହାର ଭକ୍ତ, ଅନେକ ନେତା , ନକଲି ସାମ୍ବାଦିକ , ନକଲି ସେବାୟତ ବେଶଧାରୀ ମାନେ , ପାସ୍ ପାଇ ରଥ କଡନ୍ ମଧରେ ଦର୍ଶନ କରିବା ସହ ଫଟୋ ଉଠାଇଥିଲେ । ସେମାନଙ୍କୁ କିପରି ପାସ୍ ପ୍ରଦାନ କରାଗଲା , କିପରି ପାସ୍ ପାଇଲେ , କରୋନା ପରୀକ୍ଷା କରିଥିଲେ କି ନାହିଁ ଏସଂପର୍କରେ ତଦନ୍ତ କରିବା ପାଇଁ ଭଏସଅଫ୍ କମନ ମ୍ୟାନ ର ହେକ୍ଟର ମିଶ୍ର ଓ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ର ଆବାହକ ଅନିଲ କୁମାର ସାହୁ ସିଂହଦ୍ୱାର ଥାନା ରେ ଏତଲା ଦେଇଛନ୍ତି । ଏତଲା ରେ ଦର୍ଶାଇଛନ୍ତି ଯେ, ପୁରୀ ଗଣ୍ଡଗୋଳ ସମୟରେ ସିସିଟିଭି ଆଧାରରେ ଅନେକ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଥିଲା । ସେହିପରି ବଡଦାଣ୍ଡ ରେ ଲାଗିଥିବା ସିସିଟିଭି ଆଧାରରେ ଆଇନ ଉଲଂଘନ କାରୀ ଓ ସୁପ୍ରିମ କୋର୍ଟ ଗାଇଡଲାଇନ ଉଲଂଘନ କାରୀ ଙ୍କ ବିରୁଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲା ରେ ଦର୍ଶାଇଛନ୍ତି ।

## ୧୬ ନଂ ଜାତୀୟ ରାଜପଥ ଚଟିଘର ନିକଟରେ ଦୁର୍ଘଟଣା : ସ୍ୱାମୀ ସ୍ତ୍ରୀ ଗୁରୁତର

ଧର୍ମଶାଳା:ଯାଜପୁର ଜିଲା ବଡଚଣା ବ୍ଲକସ୍ଥ ୧୬ ନଂ ଜାତୀୟ ରାଜପଥ ଚଟିଘର ନିକଟରେ ଏକ ଅଜଣା ଗାଡି ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଆଜି ଅପରାହ୍ନରେ ୧୬ ନଂ ଜାତୀୟ ରାଜପଥ ଛତିଆ ଚଟିଘର ନିକଟରେ କଟକରୁ ଏକ ସ୍କୁଟିରେ ସ୍ୱାମୀ ସ୍ତ୍ରୀ ଘର ପଂଚୁପାଣ୍ଡବସ୍ଥିତ ଓଳକଣା ଅଂଚଳକୁ ଫେରୁଥିବା ସମୟରେ ସେମାନଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ସେମାନେ ରାସ୍ତା ଉପରେ ପଡି ଗୁରୁତର ହେବା ସହ ଉଭୟଙ୍କ ହାତ ଓ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡିଛି । ସ୍ଥାନୀୟ ଲୋକେ ଦୁହିଁଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲକୁ ନିଆଯାଇଥିବା ଜଣାପଡିଛି ।

# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୫୪୮ କୁ ବୃଦ୍ଧି

## ୨ ପୋଲିସ କର୍ମଚାରୀଙ୍କ ସମେତ ୫ କରୋନା ଯୋଦ୍ଧା ସଂକ୍ରମିତ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲାରେ ଆଜି ଫୁଲବାଣୀ ଟାଉନ ଥାନାର ଦୁଇଜଣ ପୁଲିସ କର୍ମଚାରୀଙ୍କୁ ମିଶାଇ ମୋଟ ୫ ଜଣ କରୋନା ଯୋଦ୍ଧାଙ୍କ ସମେତ ମୋଟ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪,୫୪୮ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୩,୮୭୮ ଜଣ ସଂକ୍ରମିତ ସୁସ୍ଥ ହୋଇ ସେମାନଙ୍କ ଘରକୁ ଫେରିଛନ୍ତି । କରୋନା ଜନିତ ମୃତ୍ୟୁ ସଂଖ୍ୟା ଜିଲ୍ଲାରେ ୨୩ ରହିଛି ଆଉ ୬୪୭ ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତଙ୍କ ମଧ୍ୟରୁ ଜିଲ୍ଲାର ଫୁଲବାଣୀ ପୌରାଂଚଳରେ ୧୫ ଜଣ ଏବଂ ଗ୍ରାମାଂଚଳରେ ୨ଜଣ ଚିହ୍ନଟ ହୋଇଚନ୍ତି । ସେହିପରରି ବାଲିଗୁଡାର ବିଜ୍ଞାପିତ ଅଂଚଳରେ ୩ ଜଣ ଓ ଗ୍ରାମାଂଚଳରେ ୪ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଜିଲ୍ଲାର ଘୁ.ଉଦୟଗିରିରେ ୨,ଚକାପାଦରେ ୫,ଦାରିଙ୍ଗବାଡିରେ ୪,କ.ନୂଆଗାଁରେ ୩,ଖଜୁରିପଡାରେ ୫,କୋଟଗଡରେ ୩,ଫିରିଙ୍ଗିଆ ୨,ରାଇକିଆ ୫,ଟିକାବାଲିରେ ୧, ତୁମୁଡିବନ୍ଧ ଅଂଚଳରୁ ୪ ଜଣ ଥିବାବେଳେ ଅନ୍ୟାନ୍ୟ ଅଂଚଂଳରୁ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ କରୋନା ସଂକ୍ରମଣ ଧିରେଧିରେ ବଢିବାରେ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ ହେଲେ ଘରୁ ବାହାରିବାବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

# ଅଭାବ ଅନାଟନକୁ କେନ୍ଦ୍ର କରି ଉଗ୍ର ରୂପ ନେଲା ପାରିବାରିକ କଳହ

## ପତ୍ନୀକୁ କଟୁରୀରେ ହାଣି ହତ୍ୟା କଲା ସ୍ୱାମୀ, ଅଭିଯୁକ୍ତ ସ୍ୱାମୀ ଗିରଫ

ଜଗତସିଂହପୁର, (ପିଏନ)- ପାରିବାରିକ କଳହକୁ କେନ୍ଦ୍ର କରି ପତ୍ନୀକୁ କଟୁରୀ ସାହାଯ୍ୟରେ ହାଣି ହତ୍ୟା କରିଛି ନୃସଂଶ ସ୍ୱାମୀ । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା (ଖ) ଗ୍ରାମରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ ଏନେଇ ଅଧିକ ପଚରା ଉଚୁରା ଜାରୀ ରଖିଛି କୁଜଙ୍ଗ ପୋଲିସ ।
ଅଭାବ ଅନାଟନକୁ କେନ୍ଦ୍ର କରି ପତି ପତ୍ନୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ କହଳ ଲାଗି ରହୁଥିଲା । ଏହି କଳହ ଗତକାଲି ରାତିରେ ଉଗ୍ର ରୂପ ନେଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ସ୍ୱାମୀ ତଥା ଟ୍ରାକ୍ଟର ଡ୍ରାଇଭର ମେଘନାଦ ତରାଇ ପତ୍ନୀ ପାର୍ବତୀଙ୍କ ମୁଣ୍ଡକୁ କଟୁରୀରେ ଚୋଟ ପକାଇଥିଲା । ଫଳରେ ଗଭୀର କ୍ଷତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ କୁଜଙ୍ଗ ପୋଲିସ ସେଠାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିଛି । ଏହାକୁ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଛି । ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ମେଘନାଦକୁ ଗିରଫ କରିବା ସହିତ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ।
ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଦମ୍ପତିଙ୍କର ଏକ ୧୩ ବର୍ଷିୟା ଝିଅ ଓ ଏକ ୮ ବର୍ଷର ପୁଅ ରହିଛି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ନୂଆ କୋଭିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)- ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି । ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭ । ମୋଟ ସୁସ୍ଥ ହୋଇଛନ୍ତି ୪୪୮୨ । ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪ । ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ । ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।






## ରାସ୍ତା ପାଲଟିଛି ମରଣ ଯନ୍ତା - ତୁରନ୍ତ ମରାମତି ପାଇଁ ଦାବି




ରଣପୁର : ଚାନ୍ଦପୁର ଠାରୁ ୧୬ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ଚାନ୍ଦପୁର ଅଂଚଳଟି ନୟାଗଡ ଜିଲ୍ଲାର ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ଏଠାରେ ଅଛି ଓଡିଶାର ପ୍ରଥମ ଯକ୍ଷ୍ମା ମେଡିକାଲ ଯାହାକି ବର୍ତମାନ ନୟାଗଡ ଜିଲ୍ଲାର କୋଭିଡ ଡାକ୍ତରଖାନା ରୂପେ କାର୍ଯ୍ୟ କରୁଛି । ପାଖରେ ଖୋର୍ଦ୍ଧା ଜିଲ୍ଲା ଥିବାରୁ ଉଭୟ ନୟାଗଡ ଜିଲା ଥିବାରୁ ଉଭୟ ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାର ଶହ ଶହ ଲୋକ ଏହି ରାସ୍ତାଦେଇ ବିଭିନ୍ନ କାର୍ଯ୍ୟପାଇଁ ଯିବା ଆସିବା କରନ୍ତି । କିନ୍ତୁ ଏହି ରାସ୍ତାଟି ଖାଲଖମା ସହ ଅସରାଏ ବର୍ଷାରେ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମୁଥିବାରୁ ଲୋକମାନେ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନେକ ଦୁର୍ଘଟଣା ଘଟୁଛି । ଏ ସଂପର୍କରେ ସ୍ଥାନୀୟ ଲୋକମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନଥିବା ବେଳେ ଏହି ରାସ୍ତାର ଯଥାଶୀଘ୍ର ମରାମତି କରାଯାଉ ବୋଲି ଭାରତୀୟ ଜନତା ପାର୍ଟିର ନୟାଗଡ ଜିଲ୍ଲା ସଂପାଦକ ତାପସ ରଜଂନ ମାର୍ଥା ଦାବି କରିଛନ୍ତି ।

## ସ୍ୱେଚ୍ଛାସେବୀ ସଙ୍ଗଠନ 'ଆମେ ସୋସିଆଲ' ପକ୍ଷରୁ ଖାଦ୍ୟ ସାମଗ୍ରୀ ବଣ୍ଟନ

କୋଣାର୍କ: ମହାମାରୀ କରୋନା ଦ୍ୱିତୀୟ ଲହରକୁ ରୋକିବା ପାଇଁ ରାଜ୍ୟରେ କୋଭିଡ-୧୯ ନିୟମାନୁଯାୟୀ ଲକଡାଉନ ଓ ସଟଡଉନ ଘୋଷଣା କରାଯାଇଥିବା ବେଳେ ଅନେକ ପ୍ରକାର କଟକଣା ଜାରି କରାଯାଇଛି । ଏହି ଭୁତାଣୁ ସଂକ୍ରମଣକୁ ରୋକିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟଙ୍କ ପକ୍ଷରୁ ଗତ ବର୍ଷ ମାର୍ଚ୍ଚ ମାସରୁ ଲକଡାଉନ, ସଟଡାଉନ, ସାମାଜିକ ଦୂରତା ରକ୍ଷା କରିବା, ଘରୁ ପଦାକୁ ନବାହାରିବା ସହିତ ଅନେକ ପ୍ରକାର କଟକଣା ଜାରି କରାଯାଇଛି । ଫଳରେ ଦୈନନ୍ଦିନ ରୋଜଗାର ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ସବୁବର୍ଗର ଲୋକେ ଏବେ ଜୀବିକା ହରାଇ ସରକାରୀ ଓ ବେସରକାରୀ ସଂସ୍ଥାର ସହାୟତା ଅପେକ୍ଷାରେ ଅନାଇ ବସିଛନ୍ତି । ମଞ୍ଚରେ କଳା ପ୍ରଦର୍ଶନ କରି ଜୀବିକା ନିର୍ବାହ କରୁଥିବା କଳାକାର ଓ ତାଙ୍କ ପରିବାର ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ସ୍ୱଛାସେବୀ ସଙ୍ଗଠନ 'ଆମେ ସୋସିଆଲ' ପକ୍ଷରୁ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଭିଙ୍ଗାରପୁର, ଇନ୍ଦଳ କୁଶିଅରୀ, ବରାଳ, ସାରଙ୍ଗ ଯୋଡି, ରଘୁରାଜପୁର, ସାକ୍ଷୀଗୋପାଳ, ଡିମିରିସେନା, ନୀଳକଣ୍ଠପୁର ଓ କୋଣାର୍କଠାରେ ଥିବା ୨୦ଟି ଗୋଟିପୁଅ ନୃତ୍ୟାନୁଷ୍ଠାନ ଓ ନୃତ୍ୟ ଗୁରୁମାନଙ୍କୁ ଚାଉଳ, ଡାଲି, ଆଳୁ, ସୋୟାବିନ, ଚୁଡା, ଅଦା, ପିଆଜ, ଖାଇବା ତେଲ, ବିସ୍କୁଟ, ଟୁଥପେଷ୍ଟ ଇତ୍ୟାଦିର ଏକ କିଟ ପ୍ରଦାନ କରାଯାଉଛି । ସାମାଜିକ ଅନୁଷ୍ଠାନ 'ଆମେ ସୋସିଆଲ'ର ସମ୍ପାଦକ ତଥା ସାଂସ୍କୃତିକ ଓ ସାମାଜିକ ସଙ୍ଗଠକ ଗୁରୁପଦ ବଳିଆରସିଂହଙ୍କ ନେତୃତ୍ୱରେ ସଙ୍ଗଠନର ଚିନ୍ମୟ, ଦେବ, ପପୁ, ରାଜ, ସୋମ୍ୟ ଦେବରଞ୍ଜନ, ମାଗୁ, କୁନାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଅସହାୟ ନୃତ୍ୟ ଗୁରୁମାନଙ୍କୁ ଶୁଖିଲା ଖାଦ୍ୟର କିଟ୍ ପ୍ରଦାନ କରୁଛନ୍ତି । ସ୍ୱେଚ୍ଛାସେବୀ ସଙ୍ଗଠନ 'ଆମେ ସୋଲିଆଲ' ପକ୍ଷରୁ ଆଗାମୀ ଦିନମାନଙ୍କରେ ବିଭିନ୍ନ ସାଂସ୍କୃତିକ ଗୁରୁକୁଳ ଅନୁଷ୍ଠାନ, ନୃତ୍ୟ ଗୁରୁ ଓ କଳାକାରମାନଙ୍କୁ ଏହି ଭଳି ସହାୟତା ଯୋଗାଇ ଦେବୁ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ବିଦ୍ର:-ଟୋ ପଠାଯାଇଛି ।

## ବିଗ ବଜାର ଏବଂ ଏଫ୍‌ବିବି ପକ୍ଷରୁ 'ଷ୍ଟେପ୍ ଆଉଟ୍ ଇନ୍ ଷ୍ଟାଇଲ୍' ଫେଶନ କଲେକଶନ୍‌ର ୨ ଘଂଟିଆ ହୋମ୍ ଡେଲିଭରୀ




କଟକ: ଏଣିକି ଗ୍ରାହକମାନେ 'ଷ୍ଟେପ୍ ଆଉଟ୍ ଇନ୍ ଷ୍ଟାଇଲ୍' ଫେଶନ କଲେକଶନ୍‌ର ସାମଗ୍ରୀ ଦୁଇ ଘଂଟା ମଧ୍ୟରେ ଘରେ ବସି ପାଇ ପାରିବେ । ବିଗ ବଜାର ଏବଂ ଏଫ୍‌ବିବି ପକ୍ଷରୁ ଏନେଇ ହୋମ୍ ଡେଲିଭରୀ ସେବାର ଆରମ୍ଭ କରାଯାଇଛି । ବିଗ ବଜାର ଏବଂ ଏଫ୍‌ବିବି ପକ୍ଷର ପ୍ରଥମ କରି ଫେଶନ୍ ସାମଗ୍ରୀର ୨ ଘଂଟିଆ ହୋମ୍ ଡେଲିଭରୀ ସେବା ଆରମ୍ଭ କରାଯାଇଛି । ସମ୍ପ୍ରତି ଦେଶରେ ଟିକାକରଣ ଅଭିଯାନ ଜାରି ରହିଥିବାରୁ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ଏପରିସ୍ଥଳେ ଲୋକେ ଘରୁ ବାହାରି ଏସବୁ ଫେଶନ ସାମଗ୍ରୀ ଏହି ନୂତନ ଫେଶନ କଲେକଶନ୍ ଭାରତ ବ୍ୟାପୀ ୧୪୪ଟି ସହରର ୩୫୨ ଷ୍ଟୋରରୁ କ୍ରୟ କରିପାରିବେ ।ଏହି ଅବସରରେ ଫ୍ୟୁଚର ଗ୍ରୁପ୍‌ର ଡିଜିଟାଲ ମାର୍କେଟିଙ୍ଗ୍ ଆଣ୍ଡ୍ ଇ-କମର୍ସର ସିଇଓ ପଓ୍ୱନ ସାରଦ କହିଲେ, ଗ୍ରାହକମାନେ ଘରେ ସୁରକ୍ଷିତ ରହି ଚୟନ କରିଥିବା ଫେଶନ ଉତ୍ପାଦଗୁଡିକ ବଟନ୍ ଟଚ୍ କରି ପାଇପାରିବେ । ସେମାନଙ୍କ ଘରେ ମାତ୍ର ୨ ଘଂଟା ମଧ୍ୟରେ ଡେଲିଭରୀ କରାଯିବ । କରୋନା ମହାମାରୀର ତୃତୀୟ ଲହରର ଆଶଙ୍କା ମଧ୍ୟରେ କାର୍ଯ୍ୟକ୍ଷେତ୍ର ଖୋଲାଯିବା ଆରମ୍ଭ ହେବା ସହିତ ସାର୍ବଜନୀକ ଟିକାକରଣ ମଧ୍ୟ ଜାରି ରହିଛି । ଏପରିସ୍ଥଳେ ଆମେ ପକେଟକୁ ସୁହାଇଲା ଭଳି ମୂଲ୍ୟରେ ବିସ୍ତୃତ ବର୍ଗର ସାମଗ୍ରୀ ଲାଟେଷ୍ଟ୍ ଗ୍ଲୋବାଲ ଟ୍ରେଣ୍ଡ୍ ଆଧାରରେ ଯୋଗାଇ ଦେଉଛୁ । ନୂଆ ଫେଶନ କଲେକଶନ୍ ମଧ୍ୟରେ ଟ୍ୟୁନିକ୍ସ, ପ୍ଲାଜୋ, ଟପ୍, ପୋଲୋ ଟି, ଶାର୍ଟ ଏବଂ ଶର୍ଟସ୍ ପକେଟକୁ ସୁହାଇଲା ଭଳି ମୂଲ୍ୟରେ ଉପଲବ୍ଧ ହେଉଛି । ଏହାର ମୂଲ୍ୟ ୨୯୯ଟଙ୍କାରୁ ଆରମ୍ଭ ହେଉଛି ।ଲକ୍‌ଡାଉନ ସମୟରେ ୨୦୨୧ ଏପ୍ରିଲ୍‌ରେ ଶପ୍ ଡଟ୍ ବିଗ୍ ବଜାର ଡଟ୍ କମ୍ ପକ୍ଷରୁ ଦୁଇ ଘଂଟିଆ ହୋମ୍ ଡେଲିଭରୀ ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହା ମାଧ୍ୟମରେ ବିଭିନ୍ନ ଖାଦ୍ୟ, ଗ୍ରୋସରୀ ଏବଂ ହୋମ୍ ଓ୍ୱେର ଆଦି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଥିଲା । ଏହାର ଲୋକପ୍ରିୟତା ବଢ଼ିବା ସହିତ ଏକ ନିୟୁତରୁ ଅଧିକ ପରିବାର ନିୟମିତ ଭାବେ ଅନ୍‌ଲାଇନ୍‌ରେ ଏହି ପ୍ଲାଟଫର୍ମ ସହିତ ଯୋଗାଯୋଗରେ ରହିଥିଲେ ।

## ଧର୍ମଜାଗରଣ ସେନାର ସଂଯୋଜକ ବିବେକାନନ୍ଦ ମହାରଣା ପୁଣି ଏକ ଆକ୍ରମଣରୁ ବର୍ତ୍ତିଗଲେ

କେନ୍ଦ୍ରାପଡ଼ା : ଧର୍ମଜାଗରଣ ସେନାର ସଂଯୋଜକ ତଥା ତିନିମୁହାଣି ବଜାର କମିଟି ସଭାପତି ବିବେକାନନ୍ଦ ମହାରଣା ତାଙ୍କ ସୁରକ୍ଷା କର୍ମୀଙ୍କ ଉଚିତ ପଦକ୍ଷେପ ଯୋଗୁଁ ବୁଧବାର ଅପରାହ୍ନରେ ପୁଣି ଏକ ମରଣାନ୍ତକ ଆକ୍ରମଣରୁ ବର୍ତ୍ତି ଯାଇଥିବା ଜଣାପଡିଛି । ଘଟଣା ଅନୁଯାଇ ଶ୍ରୀ ମହାରଣା ତାଙ୍କ ରାମନଗରପାଟଣାସ୍ଥିତ ଟ୍ରାକ୍ଟର ସୋରୁମର ଉପର ମହଲାରେ ବସିଥିଲେ । ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ ଯୋଗେ ସେଠାରେ ପହଞ୍ଚି ଶ୍ରୀ ମହାରଣାଙ୍କୁ ଖୋଜିଥିଲେ । ସେହି ସମୟରେ ସୋରୁମ ମୁଖ୍ୟ ଦ୍ୱାରାରେ ଶ୍ରୀ ମହାରଣାଙ୍କୁ ପୋଲିସ ପକ୍ଷରୁ ଯୋଗାଇ ଦିଆଯାଇଥିବା ସୁରକ୍ଷା କର୍ମଚାରୀ ମାନସ ମହାନ୍ତି ବସିଥିଲେ । ସୁରକ୍ଷାକର୍ମୀ ସେହି ୨ଜଣଙ୍କୁ ପଚାରିଥିଲେ ଯେ ସେମାନେ କାହିଁକି ଶ୍ରୀ ମହାରଣାଙ୍କୁ ଖୋଜୁଛନ୍ତି । ସେମାନଙ୍କର ଶ୍ରୀ ମହାରଣାଙ୍କ ପାଖରେ କ'ଣ କାମ ଅଛି । ଏଥିରେ ସେ ୨ଜଣ ଉତ୍ୟକ୍ତ ହୋଇ ପାଖରେ ଥିବା ବନ୍ଧୁକ ଦେଖାଇଥିଲେ ସୁରକ୍ଷା କର୍ମୀ ଜଣଙ୍କୁ । ତତକ୍ଷଣାତ ସୁରକ୍ଷା କର୍ମୀ ଜଣଙ୍କ ସେମାନଙ୍କ ହାତରୁ ବନ୍ଧୁକଟିକୁ ଛଡାଇ ନେଇଥିବା ବେଳେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଫଳରେ ସୁରକ୍ଷା କର୍ମୀ ଜଣଙ୍କ ତଳେ ପଡିଯିବାରୁ ୨ଦୁର୍ବୃତ୍ତ ସେମାନଙ୍କ ବନ୍ଧୁକଟିକୁ ସୁରକ୍ଷାକର୍ମୀଙ୍କ ଠାରୁ ଛଡାଇ ନେଇ କେଇହାତ ପଛକୁ ଫେରିଯାଇ ସୁରକ୍ଷାକର୍ମୀଙ୍କ ଉପରକୁ ବନ୍ଧୁକରୁ ଗୁଳି ଫୁଟାଇଥିଲେ । ତେଣୁ ବାଧ ହୋଇ ସୁରକ୍ଷା କର୍ମୀ ମାନସ ତାଙ୍କ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲେ । ଫଳରେ ୨ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ସେଥିରେ ଆହତ ହୋଇଥିଲେ । କିନ୍ତୁ ଏହି ସମୟରେ ୨ଦୁର୍ବୃତ୍ତ ସେଠାରୁ ବାଇକ ଯୋଗେ ଖସି ପଳାଇଯାଇଥିଲେ । ସୋରୁମ ଉପର ମହଲାରେ ଥିବା କର୍ମଚାରୀମାନେ ଗୁଳି ଫୁଟିବା ଶବ୍ଦ ଶୁଣି ତଳକୁ ଆସିଯାଇଥିଲେ । ଏସମ୍ପର୍କରେ ଖବର ପାଇ ସଦର ଥାନା ଅଧିକାରୀ ପବିତ୍ର ମହାରଣା, ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ ପୋଲିସ ଫୋର୍ସ ସହିତ ଏବଂ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା ଓ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସାଇଣ୍ଟିକ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛି ।

## ପରିବହନ ଶ୍ରମିକ କର୍ମଚାରୀଙ୍କ ଧାରଣା

ବାଲେଶ୍ୱର :ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ତରଫରୁ ଅସିତ୍ ବରଣ ଦାସଙ୍କ ସଭାପତିତ୍ୱରେ ଗଣ ଧାରଣା ଦିଆଯାଇଥିଲା । କରୋନାରେ ଜିବିକା ହରାଇଥିବା ଘରୋଇ ବସ୍‌ର ସମସ୍ତ ଶ୍ରମିକ ମାନଙ୍କୁ ମାସକୁ ୭,୫୦୦ ଟଙ୍କା ଆର୍ଥିକ ସହାୟତା, ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମାସିକ ୧୦ କିଲ ଚାଉଳ ସହିତ ଅତ୍ୟାବଶ୍ୟକ ସାମଗ୍ରୀ ମାଗଣାରେ ଯୋଗାଣ, କରୋନା ଯୋଧା ଭାବେ ଗ୍ରହଣ କରି ବସ୍ କର୍ମଚାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକାକରଣ ଓ ବିମା ପ୍ରଦାନ ଦାବିରେ ମୋଟର ଟ୍ରାନ୍ସପୋର୍ଟ ଓ୍ୱାର୍କର୍ସ ୟୁନୀୟନର ଗଣ ଧାରଣା ଦିଆଯାଇଥିଲା । ଏଥିରେ ୟୁନୀୟନର ସଂପାଦକ ରାଜକିଶୋର ଲେଙ୍କା, ସିପିଆଇଏମ୍ ସଂପାଦକ ଶିଶିର ଭୋଇ, ନିର୍ମଳ ନାୟକ, ଭାଗବତ ପ୍ରତିହାରୀ, ନିକୁଞ୍ଜ ବସନ୍ତ ରାୟ, ରାଧାରମଣ ଷଡ଼ଙ୍ଗି ପ୍ରମୁଖ ଯୋଗ ଦେଇଥିଲେ ।

## ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ, ୩ ଗିରଫ




ବାଲେଶ୍ୱର :ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧିନସ୍ଥ ରାଜଘୋଟ ଠାରେ ଏସଟିଏଫ୍ ଟିମ ଚଢ଼ାଉ କରି ଲକ୍ଷାଧିକ ଟଙ୍କା ବ୍ରାଉନସୁଗାର ଓ ଦୁଇଟି ଅଟୋ ଜବତ କରିବାସହ ୩ ଜଣଙ୍କୁ ଗିରଫ କରିଛି । ସୂଚନା ଥାଉକି, ବୁଧବାର ସକାଳେ ଏସ ଟି ଏଫ୍ ଟିମ ବ୍ରାଉନସୁଗାର କାରବାର ସଂପର୍କରେ ଖବର ପାଇ ରାଜାଘାଟ ଛକ ନିକଟରେ ଚଢ଼ାଉ କରି ପ୍ରଥମେ ଏକ ଅଟୋକୁ ଧରିଥିଲେ । ପରେ ଅନ୍ୟ ଏକ ଅଟୋ ସେଠାରୁ ଖସି ପଳାଉଥିବା ଚେଷ୍ଟା କରୁଥିବା ବେଳେ ଏସ ଟି ଏଫ୍ ଟିମ ଉକ୍ତ ଅଟୋ ଟିକୁ ଗୋଡ଼ାଇଥିଲେ । ତେବେ ଉକ୍ତ ଅଟୋ ଚାଳକ ଅଟୋ ଛାଡ଼ି ବିଲରେ ଦୌଡ଼ି ପଳାଉଥିବା ଥିବା ବେଳେ ଏସ ଟି ଏଫ୍ ଟିମ ଗୋଡ଼ାଇ ଧରିବାରେ ସଫଳ ହୋଇଥିଲେ । ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହିତ ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି । ତେବେ ଗିରଫ ତିନି ଜଣ ବସ୍ତା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି । ଧରିବା ପରେ ଏସ ଟି ଏଫ୍ ଟିମ ୨ ଟି ଅଟୋକୁ ଅମଦାରୋଡ଼ ଫାଣ୍ଡିରେ ଜିମା ଦେବା ପରେ ତିନି ଜଣ ଧଳା ଜହର ବ୍ୟବସାୟୀଙ୍କୁ ସେଠାରୁ ନେଉଯାଇଥିଲେ । ଜବତ ହୋଇଥିବା ଅଟୋ ନମ୍ବର୍ ଓଡି-୦୧ବି-୯୩୦୩, ଓଡି-୨୨ଏଫ୍-୬୮୭୮ । ତେବେ ବାଲେଶ୍ୱର ଜିଲ୍ଲା ବ୍ରାଉନସୁଗାର ଗନ୍ଥା ଘର ପାଲିଟି ଥିବା ବେଳେ ପ୍ରତ୍ୟେକ ଦିନ କେତେ ବେଳେ ବାଲେଶ୍ୱର ରୁ ତ କେତେବେଳେ ବସ୍ତା, ଜଳେଶ୍ୱରରୁ ବ୍ରାଉନ ସୁଗାର ବ୍ୟବସାୟ ରେ ଲିପ୍ତ ଥିବା ବେପାରୀଙ୍କୁ ପୋଲିସ ଓ ଏସ ଟି ଏଫ୍ ତନାଘନା ଚଢ଼ାଉ କରି ବ୍ୟବସାୟୀଙ୍କୁ ଗିଫ କରିଛନ୍ତି ।

## ପେଟ୍ରୋଲ, ଡିଜେଲ୍, ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାସରେ ରାଜ୍ୟ ମହିଳା କଂଗ୍ରେସର ଶୋଭାଯାତ୍ରା ଓ ପ୍ରତିବାଦ



ଭୁବନେଶ୍ୱର: ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଦିବା ୧୦ ଘଟିକା ସମୟରେ ଶତାଧିକ ମହିଳା କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନେ ଗ୍ୟାସ୍ ଟାଙ୍କି, ପ୍ଲା କାର୍ଡ, ବ୍ୟାନର ଧରି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୁଦ୍ଧରେ ସ୍ଲୋଗାନ୍ ଦେବାସହ ଘଣ୍ଟି ବଜାଇ ପ୍ରତିବାଦ କରିଥିଲେ । ୨୦୧୪ ନିର୍ବାଚନ ପୂର୍ବରୁ ମୋଦି ମହାଶୟ କ୍ଷମତାକୁ ଆସିଲେ ଆଚ୍ଛେଦିନ ଦେବାକୁ ଯେଉଁ ପ୍ରତିଶୃତି ଦେଇଥିଲେ ତାହା ବୁରେଦିନ୍‌ରେ ପରିଣତ ହୋଇଛି । ପେଟ୍ରୋଲ୍ ଓ ଡିଜେଲ୍ ୧୦୦ ଟଙ୍କା ପାର୍ ହୋଇଥିବା ବେଳେ ରନ୍ଧନ ଗ୍ୟାସ୍ ଦାମ୍ ୮୭୦ଟଙ୍କା, ସୋରିଷ ତେଲ ୧୮୦ଟଙ୍କାରେ ପହଞ୍ଚିବା ମୋଦି ସରକାରଙ୍କ ଆଚ୍ଛେଦିନର ନଗ୍ନ ନମୂନା ବୋଲି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା ମତବ୍ୟକ୍ତ କରିଥିଲେ । କଂଗ୍ରେସ ଭବନରୁ ବାହାରିବା ପୂର୍ବରୁ ମହିଳା କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ କଂଗ୍ରେସ ଭବନ ସଭାକକ୍ଷରେ ଆୟୋଜିତ ହୋଇଥିଲା । ଶ୍ରୀମତୀ ଶତାବ୍ଦୀ ସୂର୍ଯ୍ୟସ୍ନାତା ଓ ଶ୍ରୀମତୀ ସ୍ୱାତୀ ଦାସ କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସଭାରେ ଉପସ୍ଥିତ ଥିବା ପି.ସି.ସି. ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକ, ଏ.ଆଇ.ସି.ସି. ସମ୍ପାଦକ ଜି. ରୁଦ୍ର ରାଜୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ବରିଷ୍ଠ ବିଧାୟକ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂହ ସାଲୁଜା, ଅଧିରାଜ ମୋହନ ପାଣିଗ୍ରାହୀ, ରାଜ୍ୟ ମହିଳା ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ା ପ୍ରମୁଖ ନେତୃମଣ୍ଡଳୀଙ୍କ ଠାରୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଗ୍ରହଣ କରି ବିଧିବଦ୍ଧ ଭାବେ ଆଜିଠୁ କଂଗ୍ରେସ ଦଳରେ ସାମିଲ୍ ହେଲେ । ପୁରୀ ଜିଲ୍ଲା ମହିଳା କଂଗ୍ରେସର ପ୍ରାକ୍ତନ ସଭାନେତ୍ରୀ ବିଳାସିନୀ ଦାଶ ଓ ଏ.ଆଇ.ସି.ସି. ସଦସ୍ୟ ତଥା ପି.ସି.ସି.ର ପ୍ରାକ୍ତନ ଉପସଭାପତି ସୂର୍ଯ୍ୟଭାନୁ ମିଶ୍ରଙ୍କ ବିୟୋଗରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ଅମର ଆତ୍ମା ଦ୍ୱୟଙ୍କ ପ୍ରତି ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରାଯାଇଥିଲା । ଏହି ଉଭୟ କାର୍ଯ୍ୟକ୍ରମରେ ସର୍ବଶ୍ରୀ ବିଜୟଲକ୍ଷ୍ମୀ ସାହୁ, ମଧୁମିତା ପଣ୍ଡା, ମମତା କୁଣ୍ଡୁ, ପ୍ରତିମା ମଲ୍ଲିକ, ଦିପ୍ତିରାଣି ପ୍ରଧାନ, ନିରୂପମା ଦାସ, ସୋଭା ସିଂହ, ଅନୁଶୟା ଜେନା, ଶ୍ରୀୟାସ୍ମିତା ପଣ୍ଡା, କୁସୁମ୍ ପ୍ରଧାନ, ସ୍ୱାଧୀନବାଳା ଦାସ, ପ୍ରଣତୀ ମିଶ୍ର, ସରୋଜିନୀ ବାଙ୍କ୍ରା, ଚୈତାଳୀ ପଟ୍ଟନାୟକ, ପ୍ରଭାବତି ପଟ୍ଟନାୟକ, ଗୀତାଳି ମହାନ୍ତି, କନକଲତା ମଲ୍ଲିକ, ଏଲ୍. ମାଣିକପ୍ରଭା, ଉର୍ବଶୀ ଦାସ, ସିଲି ସେଠୀ, ମୁନି ଠାପା, ପ୍ରମୁଖ ମହିଳା କଂଗ୍ରେସର ନେତ୍ରୀଗଣ ସାମିଲ୍ ହୋଇଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray